## ସଂକ୍ଷେପରେ

### ମଦ୍ୟପାନ କରି ଗାଡ଼ି ଚଳାଇ ୬ ଚାଳକ ଅଟକ

ଜୟପୁର,୨୨।୯ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ଥାନା ପୋଲିସ ଶୁକ୍ରବାର ପାଟ୍ରୋଲିଂ କରୁଥିବା ବେଳେ ମଦ୍ୟପାନ କରି ବାଇକ ଚଲାଉଥିବା ୬ ଚାଳକଙ୍କୁ ଧରିଛି। ସେମାନଙ୍କୁ ଥାନାରେ ଅଟକ ରଖାଯାଇଛି। ଅଟକ ବାଇକ ଚାଳକମାନେ ହେଲେ ସୌରାସାହିର ସାନ୍ତନୁ ଶତପଥୀ, ନୂଆସାହି ୫ମ ଲାଇନର ବିନୋଦ ଡଙ୍ଗରି, ସାରଦାବିହାର ଅଞ୍ଚଳର ଉମାକାନ୍ତ ପ୍ରଧାନ, ସମ୍ପାରି ତୋଟାର ଟି.ରମେଶ, ବାରିଣିପୁଟର ରାମକୃଷ୍ଣ ବେହେରା, ଜଗନ୍ନାଥପୁରର ଭକ୍ତ ନାୟକ। ସହରର ଏନ୍‌କେଟି ରୋଡ୍, ଗାନ୍ଧୀ ଛକ, କେନାଲ ରୋଡ୍, ପାୱାର ହାଉସ କଲୋନି, ସୂର୍ଯ୍ୟମହଲ ଛକରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଇ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଅଟକ ବ୍ୟକ୍ତିମାନଙ୍କ ବାଇକ ଜବତ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

### ବ୍ରିଜ୍ ତଳକୁ ଖସିଲା କାର୍



ଜୟପୁର,୨୨।୯ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ବ୍ରିଜ୍ ତଳକୁ ଶୁକ୍ରବାର ଏକ କାର୍ ଖସିପଡ଼ିଛି। ତେବେ ଏଥିରେ ଥିବା ଯାତ୍ରୀମାନେ ରକ୍ଷା ପାଇ ଯାଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। କାରଟି ୫ଜଣ ଯାତ୍ରୀଙ୍କୁ ଧରି ନୂଆପଡାରୁ ଦେଓମାଳି ପିକ୍‌ନିକ୍ ଯାଉଥିବା ବେଳେ ଦ୍ରୁତଗତିରେ ଯାଉଥିବାରୁ ଭାରସାମ୍ୟ ହରାଇ ଜୟନ୍ତଗିରି ନିକଟରେ ବ୍ରିଜ୍ ତଳକୁ ଖସିପଡିଥିଲା। ପାଣିରେ ଭାସୁଥିବା କାରକୁ ଖବରପାଇ ପୋଲିସ ପହଞ୍ଚି କ୍ରେନ ଯୋଗେ ବାହାରକୁ ଆଣିଛି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଜୟପୁର,୨୨।୯ (ପବନ ପାଣିଗ୍ରାହୀ)

ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁରଠାରେ ଶୁକ୍ରବାର ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ପୌରପାଳିକା ଅଧୀନ ଏମ୍‌ସିସି ମାଇକ୍ରୋ କମ୍ପୋଷ୍ଟରେ କାର୍ଯ୍ୟରତ ସ୍ୱଚ୍ଛକର୍ମୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଟିଟି, ଓ ହେପାଟାଇସ ବି ଇଞ୍ଜେକସନ ପ୍ରଦାନ କରାଯାଇଥିଲା। ସେମାନଙ୍କ ବିପି, ଡାଇବେଟିସ୍ ପରୀକ୍ଷା କରାଯାଇଥିଲା। ସେଲିଟାଇଜ ସୁପରଭାଇଜର ବୁଲୁନି ହାଲବା ଓ ସୁପର ଭାଇଜର ସତ୍ୟନାରାୟଣ ପାତ୍ର ଏହାକୁ ପରିଚାଳନା କରିଥିଲେ।

### ଖୁର୍ଜିରେ ଆଇନ ସଚେତନତା, ସହାୟତା ଶିବିର



ନନ୍ଦପୁର, ୨୨।୯(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଖୁର୍ଜି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସିଏସ୍‌ଏନଆର୍ ତରଫରୁ ଶୁକ୍ରବାର ଏକ ଆଇନଗତ ସଚେତନତା ଓ ସହାୟତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଗ୍ରାମବାସୀ ଓ ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ। କୋରାପୁଟ ଜିଲାରେ ମୁଖ୍ୟତଃ ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନା, ଶିଶୁମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ହେଉଥିବା ଅତ୍ୟାଚାର ଆଦି ପାଇଁ କିପରି ଆଇନଗତ ସହାୟତା ପାଇପାରିବେ, ଏ ସମ୍ପର୍କରେ ଶିବିରରେ ସଚେତନ କରାଯାଇଥିଲା। ଆଗାମୀ ଦିନରେ କୋରାପୁଟ ଜିଲାର ସମସ୍ତ ପଞ୍ଚାୟତରେ ଏପରି ଶିବିର କରାଯିବ। ସିଏସ୍‌ଏନଆର୍ ସଂଯୋଜକ ତଥା ଆଇନଜୀବୀ ଅଜୟ ଖୋସ୍ଲା ପରିଚାଳନା କରିଥିଲେ। ସୁନୀଲ ମଶ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ସାଦେବ ବାଘ, ରାମ ମୁଦୁଲି, କେ. କାଞ୍ଚନ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟ ପରି ହାଇସ୍କୁଲରେ ପଡ଼ିବ ତାଲା

### ୨୮ରୁ ସମୂହ ଛୁଟିରେ ଯିବେ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ

କୋରାପୁଟ,୨୨/୯(ଅମିତାଭ ବେହେରା)

ଦୁଇ ଦଫା ଦାବି ପୂରଣ ପାଇଁ ଉଭୟ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଏବଂ ଜିଲା ଶିକ୍ଷା ଅଧିକାରୀଙ୍କୁ ଶୁକ୍ରବାର ଦାବିପତ୍ର ଦେଇଛି ଓଡିଶା ସରକାରୀ ହାଇସ୍କୁଲ (ମାଧ୍ୟମିକ) ଏନପିଏସ୍ ଶିକ୍ଷକ ସଂଘ। ସେମାନଙ୍କ ଦୁଇଟି ଦାବି ପୂରଣ ନ ହେଲେ ସେମାନେ ଆସନ୍ତା ୨୮ରୁ ଆନ୍ଦୋଳନକୁ ଓହ୍ଲାଇବାକ ଚେତାବନୀ ଦେଇଛନ୍ତି। ଯଦି ଏହା ହୁଏ ତେବେ ପ୍ରାଥମିକ ବିଦ୍ୟାଳୟଗୁଡିକ ପରି ହାଇସ୍କୁଲରେ ମଧ୍ୟ ତାଲା ପଡିବ। ଛାତ୍ରୀଛାତ୍ରଙ୍କ ପାଠପଢା ବାଧାପ୍ରାପ୍ତ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, ଆଜିକୁ କିଛି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚୁକ୍ତିଭିତ୍ତିକ ନିଯୁକ୍ତି ଉଚ୍ଛେଦ କରିଥିଲେ। ଯେଉଁ ମାନେ ଚୁକ୍ତିଭିତ୍ତିକ/ଠିକାରେ ରାଜ୍ୟ ସରକାରଙ୍କ ଅଧୀନରେ ଚାକିରି କରୁଥିଲେ ସେମାନେ ନିୟମିତ ହେବେ ବୋଲି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ବିଜ୍ଞପ୍ତି ଘୋଷଣା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ବହୁ ଅସଙ୍ଗତି ସୃଷ୍ଟି ହେଲା।




ଜିଲାପାଳଙ୍କୁ ଦାବିପତ୍ର ଦେବାକ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକମାନେ।

ବିଜ୍ଞପ୍ତି ଅନୁସାରେ ୨୦୧୩ ଚୁକ୍ତି ଭିତ୍ତିକ ନିଯୁକ୍ତି ନିୟମ ଅନୁସାରେ ଯେଉଁମାନେ ନିଯୁକ୍ତି ପାଇଁଛନ୍ତି କେବଳ ସେହିମାନେ ହିଁ ଉପକୃତ ହେବେ ବୋଲି ଉଲ୍ଲେଖ ଥିଲା। ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରୁ କୌଣସି ସୁବିଧା ପାଇବେନି ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ବିଜ୍ଞପ୍ତିରେ ରହିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ହୋଇଥିବା ପାତରଅନ୍ତର ନୀତି ବିରୋଧରେ ପୁନର୍ବାର ସରକାର ବିଚାର କରନ୍ତୁ ଏବଂ ସମସ୍ୟାର ସମାଧାନ କରନ୍ତୁ ବୋଲି ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ସରକାର କୌଣସି ସମାଧାନ ନ କରିବାରୁ ଦୁଇଦଫା ଦାବିପୂରଣ ନେଇ ଦୁଇଟି ବଡ଼ ଆନ୍ଦୋଳନ ମଧ୍ୟ ସଂଘ କରିଥିଲା। ଏହି ଆନ୍ଦୋଳନ ସମୟରେ ଦାବିପୂରଣ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ସଂଘର ରାଜ୍ୟ ନେତୃତ୍ୱମାନଙ୍କ ସହ ଆଲୋଚନା କରି ଦୁଇଟି ଦାବିପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାଜ୍ୟ ସଂଘ ସେତେବେଳେ ଚାଲିଥିବା ଆନ୍ଦୋଳକୁ ସ୍ଥଗିତ ରଖିଥିଲା। ଏହା ପରେ ସରକାର କିଛି ବ୍ୟାଚର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପେ ପ୍ରୋଟେକ୍ସନ ଭଳି ଏକ ଅସାମ୍ବିଧାନିକ ପ୍ରଣାଳୀ ପ୍ରୟୋଗ କରି ୨୦୧୦ ରୁ ୨୦୧୬ ବ୍ୟାଚର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମାକୁ ସମାନ କରିଦେଲେ। କିଛି ବର୍ଷ ଲେଖାଏ ଚୁକ୍ତିଭିତ୍ତିକ ଚାକିରି ସମୟକୁ ନିୟମିତ ଚାକିରି ଭାବେ ଯୋଗ କଲେ। ଅନ୍ୟପକ୍ଷରେ ୨୦୦୪ରୁ ୨୦୦୯ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୌଣସି ସୁବିଧା ଦେଲେନି। ଯାହାକୁ ଓଡିଶା ସରକାରୀ ହାଇସ୍କୁଲ(ମାଧ୍ୟମିକ) ନୂତନ ପେନସନ ଯୋଜନାଭୁକ୍ତ ଶିକ୍ଷକ ସଂଘ ବିରୋଧ କରିଛି। ୨୭ ସୁଦ୍ଧା ଦାବି ପୂରଣ ନ ହେଲେ ରାଜ୍ୟ ସଂଘର ଡାକରାରେ ଆସନ୍ତା ୨୮ରୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ୨୦୦୪ ରୁ ୨୦୧୩– ମଧ୍ୟରେ ନିଯୁକ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କର ୬ ବର୍ଷ ଚୁକ୍ତି ଅବଧିକୁ ମୂଳ ନିୟମିତ ଚାକିରି କାର୍ଯ୍ୟ ସମୟ ସହ ଯୋଗ କରି ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଏବଂ ପୁରୁଣା ପେନସନ ପ୍ରଦାନ କରିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦାବି ରହିଛି ବୋଲି କୋରାପୁଟ ଜିଲା ସଂଘ ସଭାପତି ଆଶିଷ ମହାନ୍ତି କହିଛନ୍ତି।

# ଝିଅକୁ ରକ୍ତକର୍କଟ , ଚିକିତ୍ସାରେ ଅର୍ଥ ବାଧକ

### ନୂଆଦିଲ୍ଲୀ ନେବାକୁ ଅର୍ଥଚିନ୍ତାରେ ପରିବାର

ସୁନାବେଡ଼ା,୨୨।୯(କୃତ୍ତିବାସ ପ୍ରଧାନ)

''ମୋ ଝିଅକୁ ସାହାଯ୍ୟ କର,ତା'ର ପାଠ ପଢ଼ିବାକୁ ବହୁତ ଆଗ୍ରହ ରହିଛି। ମୋ ଅସୁସ୍ଥ ଝିଅକୁ ଭଲ କରିଦିଅ''– ଏପରି ଦୁଃଖର ସହ କହୁଛନ୍ତି ଜଣେ ଉପାୟଶୂନ୍ୟ ବାପା। ସେ ହେଲେ ସୁନାବେଡ଼ା ଏଇଏଫ୍ କଲୋନି କାଳୀମନ୍ଦିର ନିକଟରେ ରହୁଥିବା ଯବାନ ବଢେଇ। ତାଙ୍କ ଝିଅ ନିବେଦିତା (୧୩) ଦୀର୍ଘ ୩ବର୍ଷ ହେବ ରକ୍ତକର୍କଟ ରୋଗରେ ପୀଡ଼ିତ। ଝିଅର ଚିକିତ୍ସା ପାଇଁ ତାଙ୍କ ନିକଟରେ ଅର୍ଥ ନାହିଁ। ଯବାନ ଜଣେ ଦିନ ମଜୁରିଆ। ଝିଅ ରକ୍ତ କର୍କଟରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ସବୁ ସଞ୍ଚିତ ଅର୍ଥ ଝିଅ ପାଇଁ ଖର୍ଚ୍ଚ କରିସାରିଲେଣି ସେ। ୨୦୨୧ରେ ଭୁବନେଶ୍ୱର ଏମସ୍‌ରେ ଚିକିତ୍ସା ପରେ ଝିଅ ସାମାନ୍ୟ ସୁସ୍ଥ ହୋଇ ଘରକୁ ଫେରିଥିଲା। ମାତ୍ର ଗତ ଅଗଷ୍ଟ ମାସରୁ ପୁଣି ଅସୁସ୍ଥ ହୋଇ ପଡିଛି। ତାକୁ ପୁଣି ଭୁବନେଶ୍ୱର ଏମସ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି ପରିବାର ଲୋକେ। ସେଠାରେ ଡାକ୍ତରଙ୍କ କହିବା ମୁତାବକ ଝିଅକୁ ଦିଲ୍ଲୀ ନେବା ଜରୁରୀ, ଯାହା ଯବାନଙ୍କ କ୍ଷେତ୍ରରେ ସମ୍ଭବ ହେଉନାହିଁ। ଦିଲ୍ଲୀନେଇ ଝିଅକୁ ଚିକିତ୍ସା କରିବା ଲାଗି ତାଙ୍କ ନିକଟରେ ଅର୍ଥ ନାହିଁ। ସରକାର ତଥା ବଦାନ୍ୟ ବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି ଯବାନ। ସୂଚନାଯୋଗ୍ୟ, ଝିଅର ରୋଗ ସମ୍ପର୍କରେ ଜାଣିବା ପରେ ମା' ଘର ଛାଡି ପଳାଇଛନ୍ତି। ଯବାନଙ୍କ ଭଉଣୀ ପଦ୍ମିନୀ ଜେନା ନିବେଦିତାଙ୍କ ସେବା କରୁଛନ୍ତି। ନିବେଦିତା ସ୍ଥାନୀୟ ଶିଶୁ ମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପଢନ୍ତି। ଜଣେ ମେଧାବୀ ଛାତ୍ରୀ ରୂପେ ପରିଚିତ ନିବେଦିତାଙ୍କ ପାଠ ପଢା ପ୍ରତି ରହିଛି ପ୍ରବଳ ଆଗ୍ରହ। ଯଦି କେହି ସହୃଦୟ ବ୍ୟକ୍ତି ନିବେଦିତାଙ୍କୁ ସହାୟତା କରିବାକୁ ଚାହାନ୍ତି ତେବେ ଯବାନଙ୍କ ଫୋନ୍ ୭୭୩୫୬୦୭୪୭୯ରେ ଯୋଗାଯୋଗ କରିପାରିବେ।



ଏମ୍‌ସରେ ଚିକିତ୍ସାଧୀନ ଥିବା ନିବେଦିତା।

# ବଦଲିକୁଡୁମାରେ ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦଶମନ୍ତପୁର,୨୨।୯ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତସ୍ଥିତ ବଦଲିକୁଡୁମା ସେବାଶ୍ରମ ବିଦ୍ୟାଳୟଠାରେ ଶୁକ୍ରବାର ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବାଶ୍ରମ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଅଜୟ ପ୍ରକାଶ ତିର୍କୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡାକ୍ତର କମଳ ଲୋଚନ ସର୍ଦ୍ଦାର, ଡାକ୍ତର ନମିତା ରଥ, ସମିତିସଭ୍ୟା ମଧୁସ୍ମିତା ବାଘ, ଡବ୍ଲୁଇଓ ପ୍ରଦୀପ ନାୟକ, ମଧୁସୂଦନ ବାଣୁଆ, କୁନ୍ତେଶ ସେବାଶ୍ରମ ପ୍ରଧାନ ଶିକ୍ଷକ ସୁଧାକର କୁଳଦୀପ, ବିରିଗୁଡ଼ା ସେବାଶ୍ରମ ପ୍ରଧାନ ଶିକ୍ଷକ ଜଗନ୍ନାଥ ମୁଦୁଲି, ଅନିତା ସାହୁ, ସ୍ୱାସ୍ଥ୍ୟକର୍ମୀ କଳ୍ପନା ବାଘ, ସଂପୃକ୍ତ ବଦଲିକୁଡୁମା ସେବାଶ୍ରମ ବିଦ୍ୟାଳୟ ସଭାପତ ପ୍ରଦୀପ ଖସଲାଙ୍କ ସମେତ ଛାତ୍ରୀଛାତ୍ର, ଶତାଧିକ ଅଭିଭାବକ ଯୋଗଦେଇଥିଲେ। ବିଦ୍ୟାଳୟରେ ହେଉଥିବା ପ୍ରତ୍ୟେକଟି କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହଭାଗିତା, ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ସୁଯୋଗ ପିଲାଙ୍କୁ ମିଳୁଛି କି ନାହିଁ ତାହାର ତଦାରଖ କରିବା ଲାଗି ଅଭିଭାବକଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମନୋଜ ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହାୟତା କରିଥିଲେ।

# ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଛାତ୍ରୀଛାତ୍ର ସଂକଳ୍ପବଦ୍ଧ ହୁଅନ୍ତୁ

### ସରକାରୀ ମହାବିଦ୍ୟାଳୟରେ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ,୨୨।୯(ଅମିତାଭ ବେହେରା)

କୋରାପୁଟ ଲାଣ୍ଡିଗୁଡାସ୍ଥିତ ସରକାରୀ ମହାବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ରାୟଗଡ଼ାର ଏମ୍‌ଏସ୍‌ଏମଇ ସହଯୋଗରେ ଏକ ଦିନିକିଆ ଉଦ୍ୟୋଗୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମଇର ଉପ ନିର୍ଦ୍ଦେଶକ ଆର୍.କେ. ରତନମ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କର ବିଭିନ୍ନ ଶିଳ୍ପନୀତି ଓ ଯୋଜନାର ଉପାଦେୟତା ସମ୍ପର୍କରେ ବୁଝାଇ ଛାତ୍ରୀଛାତ୍ରମାନେ ପିଏମ୍ ବିଶ୍ୱକର୍ମା ଯୋଜନାରୁ ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପଟ୍ଟନାୟକ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସଫଳ ଉଦ୍ୟୋଗୀମାନଙ୍କ ଉଦାହରଣ ଦେଇ ବିଶ୍ୱ ଦରବାରରେ ଜାପାନର ଔଦ୍ୟୋଗିକ ନୀତିର ପ୍ରଶଂସା କରିଥିଲେ। କୋରାପୁଟ ଚାମ୍ବର ଅଫ୍ କମର୍ସର ସମ୍ପାଦକ ଏନ୍. ରମେଶ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲାଗି ଦୃଢ଼ ସଂକଳ୍ପ ନେବାକୁ କହିଥିଲେ। ଅନ୍ୟତମ ଅତିଥି ଜିଲା ଶିଳ୍ପକେନ୍ଦ୍ରର ଆଇପିଓ ଶାନ୍ତନୁ ବଡୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଶିଳ୍ପ ବିକାଶ ନୀତି ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପ୍ରକାଶ ପ୍ରଧାନ ଛାତ୍ରୀଛାତ୍ରମାନେ ନିଜକୁ କର୍ମଦାତାରେ ପରିଣତ କରି ରାଷ୍ଟ୍ରର ଅର୍ଥନୈତିକ ଅଭିବୃଦ୍ଧିରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଏମ୍ ଦୀପକ କୁମାର, ଶିବଶଙ୍କର ପଟ୍ଟନାୟକ, ଡ. ଶିବରାମ ବଡରାଇତ, ଡ. ବିନୋଦ ବିହାରୀ ଜେନା ଆୟୋଜନ କରିଥିଲେ। ମନିତା ବିଶ୍ୱାଳ, ପ୍ରମୋଦ ଖୋସ୍ଲା, ନରେଶ ବାଗ, ବିଶ୍ୱଜିତ୍ ଦଣ୍ଡପାଟ, ପ୍ରଶାନ୍ତ ଖୋସଲା, ରୀନା କୁଳଦୀପ ଓ ଚନ୍ଦ୍ରମା ଭୂମିଆ ସହାୟତା କରିଥିଲେ।

# ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର

ଜୟପୁର,୨୨।୯(ପବନ ପାଣିଗ୍ରାହୀ)

ଲକ୍ଷ୍ମୀପୁର ବ୍ଲକ ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ତୃଣମୂଳ ସ୍ତରରେ ଜୁନିୟର ରେଡକ୍ରସ୍‌ର କ୍ରିୟାନ୍ୱୟନ ପାଇଁ ଏକ ଦିବସୀୟ ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ମୁଖାର୍ଜୀ, ଜିଲା ଜୁନିୟର ରେଡକ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଓ ବରିଷ୍ଠ ବିଜ୍ଞାନ ଶିକ୍ଷକ ଗୋଲୋକ ଚନ୍ଦ୍ର ଲେଙ୍କା ଉପସ୍ଥିତ ଥିଲେ। ଲକ୍ଷ୍ମୀପୁର ଓ ଦଶମନ୍ତପୁର ବ୍ଲକ୍‌ର ୨୫ଜଣ ପରାମର୍ଶଦାତା ଓ ପରାମର୍ଶଦାତ୍ରୀଙ୍କୁ ରେଡକ୍ରସ୍‌ର ପ୍ରତିଷ୍ଠାତାଙ୍କ ଜୀବନୀ, ରେଡକ୍ରସ୍‌ର ଉତ୍ପତ୍ତି ,ଜୁନିୟର ରେଡକ୍ରସର ଉତ୍ପତ୍ତି, ସାମ୍ପ୍ରତିକ ସ୍ଥିତିରେ ସ୍ୱେଚ୍ଛାସେବୀମାନଙ୍କ ସମାଜ ପାଇଁ ଭୂମିକା ଉପରେ ଶିବିରରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସ୍ତରରେ ଜୁନିୟର ରେଡ୍ କ୍ରସ୍‌ର କ୍ରିୟାନ୍ୱୟନ ଉପରେ ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ପଣ୍ଡା ଅବଗତ କରାଇଥିଲେ। ସାଧନକର୍ମୀ କାଞ୍ଚନ ହନ୍ତାଳ ବିପର୍ଯ୍ୟୟ ପରିଚାଳନା ଉପରେ ମତ ରଖିଥିବା ବେଳେ ପ୍ରାଥମିକ ଉପଚାର ଉପରେ ସାଧନକର୍ମୀ ସପନ ଦୀକ୍ଷିତ୍ ଓ ହରେକୃଷ୍ଣ ମହାରଣା ଆଲୋଚନା କରିଥିଲେ। ଦଶମନ୍ତପୁର ବ୍ଲକ ସଂଯୋଜକ ସିମନ୍ ଜେନା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଙ୍ଗାନା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# 'ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ, ସମ୍ପାଦକଙ୍କ ଭୂମିକା' ଶୀର୍ଷକ ସେମିନାର




କୋଲକାତାସ୍ଥିତ ନ୍ୟାଶନାଲ ଲାଇବ୍ରେରିରେ ଆୟୋଜିତ ସେମିନାରରେ ମଞ୍ଚାସୀନ ଅତିଥିମାନେ।

କୋରାପୁଟ,୨୨।୯(ଅମିତାଭ ବେହେରା)

ଆଜାଦି କା ଅମୃତ ମହୋତ୍ସବ ଅବସରରେ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗ ଆନୁକୂଲ୍ୟରେ 'ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ଖବରକାଗଜ ତଥା ସମ୍ପାଦକଙ୍କ ଭୂମିକା' ଶୀର୍ଷକ ଏକ ଜାତୀୟ ସେମିନାର କୋଲକାତାସ୍ଥିତ ନ୍ୟାସନାଲ ଲାଇବ୍ରେରୀରେ ଆୟୋଜିତ ହୋଇଯାଇଛି। ସହକାରୀ ପ୍ରଫେସର ଡ. ସୌରଭ ଗୁପ୍ତା ସ୍ୱାଧୀନତା ସଂଗ୍ରାମରେ ସାମ୍ବାଦିକତାର ଭୂମିକା ପ୍ରତିଷ୍ଠା ପାଇଁ ଏକ ସେମିନାଲ ପୁସ୍ତକ ପ୍ରକାଶନ ଉପରେ ଆଲୋଚନା କରିବା ସେମିନାରର ଉଦ୍ଦେଶ୍ୟ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସେମିନାରକୁ ଉଦଘାଟନ କରି କହିଥିଲେ ଯେ, ସ୍ୱାଧୀନତା ହାସଲ କରିବାକୁ ଜାତୀୟ ଇଚ୍ଛାର ଅଭିବ୍ୟକ୍ତି ତଥା ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ସେମାନେ ଖବରକାଗଜ ବ୍ୟବହାର କରୁଥିଲେ। ଖବରକାଗଜ ସମ୍ପାଦକମାନେ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢେଇ କରି ଜେଲ ମଧ୍ୟ ଯାଇଥିଲେ। ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ ଏହି ପୁସ୍ତକ ଭାରତର ବିଭିନ୍ନ ପ୍ରାନ୍ତରୁ ଖବରକାଗଜ ଏବଂ ସମ୍ପାଦକଙ୍କ ଭୂମିକା ପ୍ରତିଷ୍ଠା କରିବ ଏବଂ ସ୍ୱାଧୀନତା ଆନ୍ଦୋଳନରେ ମିଳିତ ସାମ୍ବାଦିକତାର ଏକ ଜାତୀୟ ମଞ୍ଚ ଉପସ୍ଥାପନ କରିବ। ପ୍ରଫେସର ତ୍ରିପାଠୀ ଘୋଷଣା କରିଥିଲେ ଯେ, ଏହି ପୁସ୍ତକ ଡ ପ୍ରଣବ କୁମାର ସାହା ଏବଂ ବିଶିଷ୍ଟ ଗବେଷକ ଋତ୍ୱିକ୍ କୁମାର ମଲ୍ଲିକଙ୍କ ଦ୍ୱାରା ସମ୍ପାଦିତ ହେବ। ସେମିନାରର ମୁଖ୍ୟ ଅତିଥି ଭାବରେ ନ୍ୟାସନାଲ ଲାଇବ୍ରେରୀ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ଡ. ଅଜୟ ପ୍ରତାପ ସିଂ ଯୋଗଦେଇ ଅମୃତ କାଳରେ ଜାତୀୟ ଆନ୍ଦୋଳନରେ ଗଣମାଧ୍ୟମର ଭୂମିକାକୁ ଆଲୋକିତ କରିବା ପାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ସେମିନାରରେ ଓଡିଶା, ପଶ୍ଚିମବଙ୍ଗ, ବିହାର, ଆସାମ, ରାଜସ୍ଥାନ, ନୂଆଦିଲ୍ଲୀ, ଉତ୍ତରପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ, ଜାମ୍ମୁ କାଶ୍ମୀରର ବିଶିଷ୍ଟ ଏକାଡେମିକ୍, ସାମ୍ବାଦିକ ଏବଂ ଗବେଷକମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ବିହାର ଜନସେବା ଆୟୋଗର ପ୍ରଫେସର ଅରୁଣ ଭାଗବତ, ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଡପିଏ କୁଳପତି ପ୍ରଫେସର ଆର ରାଜୁ, ଏକ୍ସ–ପ୍ରୋ ଭିସି, ବାରାଣସୀର ପିଏମଏମ ପତ୍ରକାରିତା ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ, ପ୍ରଫେସର ଓ ପି ସିଂହ, ମୌଲାନା ଆଜାଦ ଇନଷ୍ଟିଚ୍ୟୁଟ୍ ଫର ଏସିଆନ୍ ଷ୍ଟଡିଜ୍ ର ନିର୍ଦ୍ଦେଶକ ଡ. ସ୍ୱରୂପ ପ୍ରସାଦ ଘୋଷ, ଜାମ୍ମୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡକ୍ଟର ବଚା ବାବୁ, ବିଶିଷ୍ଟ ଖବରଦାତା ଇନ୍ଦ୍ରଜିତ୍ ଚୌଧୁରୀ, କୋଲକାତା ସେଣ୍ଟ ଜାଭିୟର କଲେଜର ଅଧ୍ୟାପିକା ଡ. ଅରୁନ୍ଧତୀ ଦାସ, ଗୁରୁଗ୍ରାମ ବିଶ୍ୱବିଦ୍ୟାଳୟର ପ୍ରଫେସର ରାକେଶ ଯୋଗୀ, ରାଜସ୍ଥାନର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଅମିତାଭ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳରେ ଖବରକାଗଜର ଭୂମିକା ବିଷୟରେ ଆଲୋଚନା କରିଥିଲେ ।

# କଲଭର୍ଟ ନିକଟରେ ଥିବା ଗର୍ତ୍ତ ମରାମତି ନେଇ ଦାବି

ଜୟପୁର,୨୨।୯ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଟାଙ୍କୁଗୁଡା ଗ୍ରାମ ନିକଟରେ ଆର୍‌ଡି ବିଭାଗ ଦ୍ୱାରା ଏକ କଲଭର୍ଟ ନିର୍ମାଣ ହୋଇଛି । ସେଠାରେ ୧୦ ଫୁଟର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ପ୍ରତ୍ୟହ ଛୋଟ ବଡ ଦୁର୍ଘଟଣା ଘଟୁଛି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଭାଗ ଏହି କଲଭର୍ଟର ଗର୍ତ୍ତଟିକୁ ମରାମତି କଲେ ଅନେକ ଜୀବନ ବିପଦମୁକ୍ତ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବି. ହରି ରାଓଙ୍କ ନେତୃତ୍ୱରେ ମୁନା ପଟ୍ଟନାୟକ, କମଳ ଲୋଚନ ପେଣ୍ଡିଆ, ବଲ୍ଲଭ ମୁଦୁଲି, ଧନୁର୍ଜୟ ଗାଦବା ପ୍ରମୁଖ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ବ୍ୟକ୍ତିମାନେ।

# ସାପ୍ତାହିକ ହାଟ ପାଇଁ ହଟହଟା

- ରାସ୍ତା କଡରେ ବସୁଛି ୬ ଗ୍ରାମର ହାଟ
- ଟ୍ରାଫିକ ଅବ୍ୟବସ୍ଥା, ଭିଡ ଯୋଗୁ ସାଧାରଣ ଲୋକେ ଅତିଷ୍ଠ
- କର ଆଦାୟ କରି କୋରାପୁଟ ଆରଏମ୍‌ସି ଚୁପ୍

ନନ୍ଦପୁର, ୨୨।୯ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଦେଇ ହାଣ୍ଡିପୁଟ–ସେମିଳିଗୁଡା ସଂଯୋଗ କରୁଥିବା ଏମଡିଆର–୫୫ ରାସ୍ତା ରହିଛି। ଏହା ମଧ୍ୟ ଜୟପୁର–ବିଶାଖାପାଟଣାକୁ ସଂଯୋଗ କରୁଛି। ଏହି ରାସ୍ତାରେ ସୁବାଇ, ବାଲଡା, ନନ୍ଦପୁର, ପାଡୁଆ, ସଗର ଓ ଥୁବା ଗ୍ରାମ ରହିଛି। ଏହି ଗ୍ରାମଗୁଡିକର ସାପ୍ତାହିକ ହାଟ ରାସ୍ତା କଡରେ ବସୁଥିବାରୁ ଟ୍ରାଫିକ ଅବ୍ୟବସ୍ଥା ଦେଖାଦେଉଛି। ସୋମବାର ସୁବାଇ, ମଙ୍ଗଳବାର ବାଲଡା, ବୁଧବାର ନନ୍ଦପୁର, ଗୁରୁବାର ପାଡୁଆ, ଶୁକ୍ରବାର ସଗର ଓ ଶନିବାର ଥୁବା ଗ୍ରାମରେ ସାପ୍ତାହିକ ହାଟ ବସୁଛି। ହାଟଦିନ ରାସ୍ତାର ଦୁଇ ପାର୍ଶ୍ୱରେ ବ୍ୟବସାୟୀଙ୍କ ପସରା ସାଙ୍ଗକୁ ସାମଗ୍ରୀ ପରିବହନ କରୁଥିବା ଗାଡ଼ି, ଖାଉଟି ଓ ସେମାନଙ୍କ ଗାଡ଼ିଗୁଡ଼ିକ ରଖିଥିବାରୁ ରାସ୍ତା ଜାମ ହେଉଛି। ରାସ୍ତାରେ ଯାତାୟାତ କରୁଥିବା ରୋଗୀବୁହା ଯାନ, ଯାତ୍ରୀବାହୀ ଗାଡ଼ି, ଭାରିଯାନ, ସରକାରୀ କର୍ମଚାରୀ ଓ ସାଧାରଣ ଲୋକେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଟ ଭିତରେ ଅଳିଆ ଆବର୍ଜନା ସହ କାଦୁଅ ସ୍ଥିତି ଓ ଭଙ୍ଗା ଦଦରା ପିଣ୍ଡି ଯୋଗୁ ବ୍ୟବସାୟୀମାନେ ରାସ୍ତାକଡ଼ରେ ସେମାନଙ୍କ ସାମଗ୍ରୀ ଧରି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ହାଟ ପରିଚାଳନା କରୁଥିବା କୋରାପୁଟ ନିୟନ୍ତ୍ରିତ ବଜାର କମିଟି (ଆରଏମସି) କର୍ତ୍ତୃପକ୍ଷ ଚାଷୀ ଓ ବ୍ୟବସାୟୀଙ୍କଠାରୁ ହାଟ କର ଆଦାୟ କରୁଥିଲେ ମଧ୍ୟ ହାଟର ଦୁରବସ୍ଥା ଦୂର କରିବାକୁ ଚିନ୍ତା କରୁ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ସମସ୍ତ ସାପ୍ତାହିକ ହାଟ ନନ୍ଦପୁର ଓ ପାଡୁଆ ପୋଲିସ ଥାନା ଅଧୀନରେ ରହିଛି। ଦୁଇ ଅଞ୍ଚଳର ଥାନା ଅଧିକାରୀ ନିଜ ନିଜ ଅଞ୍ଚଳରେ ଥିବା ସାପ୍ତାହିକ ହାଟ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଲାଗି ପୋଲିସ ମୁତୟନ କରିବାକୁ ସାଧାରଣରେ ଦାବି ହେଉଛି।



**ବାଇକ୍ ଦୁର୍ଘଟଣାରେ ବ୍ୟବସାୟୀ ଗୁରୁତର**

ମୁନିଗୁଡ଼ା,(ରାଧେଶ୍ୟାମ ଅଗ୍ରୱାଲ)- ମୁନିଗୁଡ଼ା ଓ ହାଟମୁନିଗୁଡ଼ା ରାସ୍ତାରେ ଥିବା ବଳରାମନଗର ଛକ ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ଜଣେ ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବିଷମକଟକସ୍ଥିତ ଘରୋଇ ମେଡିକାଲକୁ ପଠାଯାଇଥିଲା। ହେଲେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେବାରୁ ପରିବାର ଲୋକେ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ନେଇକି ଯାଉଥିବା ଜଣାପଡିଛି। ମୁନିଗୁଡାର ଯୁବ ବ୍ୟବସାୟୀ ଅଙ୍କିତ କୁମାର ଅଗ୍ରୱାଲଙ୍କ ବାଇକ୍ ବଳରାମନଗର ଛକ ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଅଙ୍କିତ ପଡିଯିବାରୁ ତାଙ୍କର ମୁଣ୍ଡରେ ଜୋରରେ ଆଘାତ ଲାଗିଥିବା ଜଣାପଡିଛି।

**ସଂକ୍ଷେପରେ**

## ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

### ଡକାୟତି ମାମଲାର ଶୁଣାଣି

ରାୟଗଡା,୨୨।୯ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡ଼ା ଚିଫ୍ ଜୁଡ଼ିଆଲ ମାଜିଷ୍ଟ୍ରେଟ କୋର୍ଟ ବିଚାରପତି ମୀନାକ୍ଷୀ ପ୍ରିୟଦର୍ଶିନୀ ଏକ ଡକାୟତି ମାମଲାର ଶୁଣାଣିକରି ଅଭିଯୁକ୍ତ ଫରେନ୍ଦ୍ର ମିଣିଆକାଙ୍କୁ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ୮ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ପ୍ରିୟଦର୍ଶିନୀ ଏହି ରାୟ ଶୁଣାଇଛନ୍ତି। ଏହାସହ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା କରାଯାଇଛି । ସୂଚନାଯୋଗ୍ୟ, ୨୦୧୯ ଜାନୁୟାରୀ ୭ରେ ରାୟଗଡ଼ାର ଗୁମା ରାସ୍ତାରେ କେତେଜଣ ଯୁବକ ମିଶି କୌଣସି ଏକ ବ୍ୟାଙ୍କକୁ ଡକାୟତି କରିବାକୁ ଯୋଜନା କରୁଥିବା ରାୟଗଡା ଟାଉନ ଥାନା ଆଇଆଇସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ । ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗୁମା ରାସ୍ତା ନିକଟକୁ ଯାଇ ଡକାୟତି ଗ୍ୟାଙ୍ଗ୍ ଉପରେ ଚଢ଼ାଉ କରିବା ସମୟରେ ୯ଜଣଙ୍କ ମଧ୍ୟରୁ ୮ ଜଣ ଫେରାର ହୋଇଯାଇଥିଲେ। ଅଭିଯୁକ୍ତ ଫରେନ୍ଦ୍ରଙ୍କୁ ଗିରଫ କରିଥିଲେ। ପୋଲିସ ଘଟଣାସ୍ଥଳରୁ ଚୋରା ମୋଟର ସାଇକେଲ, ଛୁରି, ଖଣ୍ଡା, ଶାବଳ ପ୍ରଭୃତି ମାରଣାସ୍ତ୍ର ଜବତ କରିଥିଲା । ଅଭିଯୁକ୍ତଙ୍କ ପକ୍ଷରୁ ସି.ଏଚ୍. ଶ୍ରୀନିଭାସ ମାମଲା ପରିଚାଳନା କରୁଥିବା ବେଳେ ସରକାରଙ୍କ ପକ୍ଷରୁ ମହେଶ୍ୱର ମହାପାତ୍ର କେସ୍ ପରିଚାଳନା କରିଥିଲେ।

## ସାମାଜିକ ସଦ୍‌ଭାବନା ସଭା

ଗୁଣପୁର,୨୨।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସାମାଜିକ ସଦ୍‌ଭାବନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୪୦ଟି ଜାତିର ମୁଖିଆମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଜିଲା ସହ ସଂଯୋଜକ ତ୍ରିପତି ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆମେ ସମସ୍ତେ ହିନ୍ଦୁ, ଆମ ଭିତରେ ଭେଦଭାବ ନାହିଁ, ଆମେ ସମସ୍ତେ ଏକ, ଆମେ ଭାରତ ମାତାର ସନ୍ତାନ, ଭାରତ ଆମର ଜନ୍ମଭୂମି, ମାତୃଭୂମି, ହିନ୍ଦୁତ୍ୱ ହିଁ ରାଷ୍ଟ୍ରୀୟତ୍ୱ ବୋଲି ଅତିଥିମାନେ କହିଥିଲେ। ପ୍ରଭାତ ମହାପାତ୍ର ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷ ଅଧିବେଶନରେ ଜାତି ମୁଖିଆମାନଙ୍କଠାରୁ ଆସିଥିବା ମତାମତକୁ ନେଇ ଗୁଣପୁର ଖଣ୍ଡ ସହ ସଂଯୋଜକ ନରସିଂହ ପଟ୍ଟନାୟକ ବୌଦ୍ଧିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ



ସମାଜସେବୀ ନନ୍ଦିକେଶ୍ୱର ଚୌଧୁରି ଏବଂ ସାମାଜିକ ସଦ୍‌ଭାବନା ଗୁଣପୁର ଖଣ୍ଡର ସଂଯୋଜକ ଗୋପାଳକୃଷ୍ଣ ଦେଓପାତ୍ର ମଞ୍ଚାସୀନ ରହିଥିଲୋ

# ନୋ ପାର୍କିଂ ଜୋନ୍‌ରେ ଗାଡ଼ି ପାର୍କିଂ

- ପୋଲିସ, ପୌର ବିଭାଗ କାର୍ଯ୍ୟାନୁଷ୍ଠାନ ଶୂନ
- ବ୍ୟବସାୟୀଙ୍କ କବ୍‌ଜାରେ ସହରର ଗଳିକନ୍ଦି

ରାୟଗଡ଼ା, ୨୨।୯(ଆଶିଷ ରଞ୍ଜନ ପଣ୍ଡା)



ଜାତୀୟ ରାଜପଥରେ ନୋ ପାର୍କିଂ ବୋର୍ଡ ଥିଲେ ସୁଦ୍ଧା ଗାଡି ପାର୍କିଂ ହୋଇଛି।

ରାୟଗଡ଼ା ସହରର ଗଳିକନ୍ଦିଠାରୁ ଆରମ୍ଭକରି ଜାତୀୟ ରାଜପଥର ଅର୍ଦ୍ଧାଧିକ ରାସ୍ତା ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ଏଭଳିକି ଜାତୀୟ ରାଜପଥରେ ନୋ ପାର୍କିଂ ବୋର୍ଡ ଲାଗିଥିଲେ ମଧ୍ୟ ଗାଡ଼ି ପାର୍କିଂ କରାଯାଉଛି। ଏହାଦ୍ୱାରା ସହରରେ ଟ୍ରାଫିକ ସମସ୍ୟା ବିଗିଡ଼ିବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ସେହିଭଳି ସହରର କପିଳାସ ଛକଠାରୁ ଆରମ୍ଭକରି ଆକ୍ସିସ ବ୍ୟାଙ୍କ, ସ୍ୱାଗତ ହୋଟେଲ ଓ ମାରୁତି ହୋଟେଲ ଗଳିରେ ମଧ୍ୟ ବ୍ୟବସାୟୀମାନେ ପାର୍କିଂ ବ୍ୟବସ୍ଥା କରି ନ ଥିବାରୁ ଗ୍ରାହକମାନେ ରାସ୍ତା ଉପରେ ଗାଡିପାର୍କିଂ କରୁଛନ୍ତି। ଏଭଳିକି କପିଳାସ ହୋଟେଲ ଗଳିରେ ଥିବା ଷ୍ଟେଟ୍ ବ୍ୟାଙ୍କ କୃଷି ଉନ୍ନୟନ ଶାଖା ସମ୍ମୁଖରେ କୌଣସି ପାର୍କିଂ ନ ଥିବା ବେଳେ ଅତ୍ୟଧିକ ଗହଳି କାରଣରୁ ଲୋକେ ରାସ୍ତା ଉପରେ ଗାଡି ରଖୁଛନ୍ତି। ବେଆଇନ ପାର୍କିଂ ଯୋଗୁ ରାସ୍ତା ସଙ୍କୁଚିତ ହୋଇ ଅଣ ଓସାରିଆ ହେବା ଯୋଗୁ ଉକ୍ତ ରାସ୍ତା ଦେଇ କୌଣସି ଚାରିଚକିଆ ଯାନ ଯାତାୟାତ କଲେ ଟ୍ରାଫିକ ସମସ୍ୟା ଦେଖାଦେଉଛି।

ରାୟଗଡ଼ା ସହର ମଧ୍ୟଭାଗ ଦେଇ ୩୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ଜିଲା ଗଠନର ୨୫ ବର୍ଷ ପରେ ୨୦୧୭ରେ ଜାତୀୟ ରାଜପଥରେ ଯାତ୍ରା କରିବାର ସୁଯୋଗ ଜିଲାବାସୀ ପାଇଥିଲେ। ହେଲେ ଏବେ କେତେଜଣ ବ୍ୟବସାୟୀ ନିଜ ସ୍ୱାର୍ଥ ପାଇଁ ରାଜପଥକୁ କବ୍‌ଜା କରିଥିବାରୁ ଦିନକୁ ଦିନ ଏହା ସଙ୍କୁଚିତ ହେବାରେ ଲାଗିଛି । ସହରର ସବୁଠି ଅଧିକ ବ୍ୟସ୍ତବହୁଳ ସ୍ଥାନ କପିଳାସ ଛକଠାରୁ ଷ୍ଟେଶନ ଛକ ରାସ୍ତାରେ ସମସ୍ତ ପ୍ରକାର ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ, ଲଜ୍ ଓ ଦୋକାନ ରହିଛି। ବ୍ୟବସାୟିକ ପ୍ରତିଷ୍ଠାନର ମାଲିକ ଏବଂ ସେଠାକାର କର୍ମଚାରୀମାନେ ରାସ୍ତା ଉପରେ ଗାଡ଼ି ରଖିଥାନ୍ତି। ଏହା ଦେଖି ଗ୍ରାହକ ମଧ୍ୟ ସେହି ପଥକୁ ଅନୁକରଣ କରୁଛନ୍ତି । ଟ୍ରାଫିକ ପଏଣ୍ଟର ଅତି ନିକଟରେ ରାଜପଥକୁ ଏଭଳି ଅବରୋଧ କରାଯାଉଥିବା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଥିଲେ ମଧ୍ୟ ପୋଲିସ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହିଁ। ଅନ୍ୟପକ୍ଷେ ଏହି ରାସ୍ତା ବାଣିଜ୍ୟକର କାର୍ଯ୍ୟାଳୟ ଛକଠାରୁ ଖଲିଗୁଡା ପର୍ଯ୍ୟନ୍ତ ରାଜପଥର ଉଭୟ ପାର୍ଶ୍ୱରେ ୪ ଥାକିଆ ରାସ୍ତା ମଧ୍ୟରୁ ୨ ଥାକିଆ ରାସ୍ତାକୁ ଟ୍ରକ୍ ମାଲିକ ଓ ଚାଳକମାନେ ମାଡ଼ି ବସିଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ପୌର ପରିଷଦର ଅନୁମୋଦିତ ପ୍ଲାନ ଅନୁଯାୟୀ ପାର୍କିଂ ବ୍ୟବସ୍ଥା ନ କରି ଇଚ୍ଛା ମୁତାବକ କୋଠା ନିର୍ମାଣ କରି ବ୍ୟବସାୟ କରିବା ସହ ରାଜପଥକୁ ଜବରଦଖଲ କରିଛନ୍ତି। ଏହାବ୍ୟତୀତ ଉଠା ଦୋକାନୀ ମଧ୍ୟ ରାସ୍ତା ଉପରେ ପସରା ମେଲାଇ ବ୍ୟବସାୟ କରୁଛନ୍ତି। ଫଳରେ ଜାତୀୟ ରାଜପଥ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିବା ସହ ଟ୍ରାଫିକ୍ ସମସ୍ୟା ଯୋଗୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏ ନେଇ ଆଇଆଇସି କେକବିକେ କହଁରଙ୍କୁ ପଚାରିବାରୁ ସେ କହିଥିଲେ, ରାସ୍ତାକଡ଼ରେ ରହିଥିବା ଦୋକାନ ଘର ମାଲିକମାନେ ପାର୍କିଂ ପାଇଁ କିଭଳି ଟାଉନ ପ୍ଲାନିଂ ବ୍ୟବସ୍ଥା କରିଛନ୍ତି ସେ ବିଷୟରେ ତଥ୍ୟ ମାଗିଛନ୍ତି। ଏଥିସହ ସହରରେ ଲାଗିଥିବା ସିସି କ୍ୟାମେରା ଆଧାରରେ ବେପରୁଆ ଗାଡ଼ି ପାର୍କିଂ ପାଇଁ ଲୋକଙ୍କୁ ଚାଲାଣ କଟାଯାଉଛି। ଏପରିକି ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ହେଲେ ମଧ୍ୟ ଫାଇନ ବ୍ୟବସ୍ଥା କରାଯାଉଥିବା ଆଇଆଇସି କହଁର କହିଛନ୍ତି। ତେବେ ପୋଲିସ ଓ ପୌର ପ୍ରଶାସନ ଏଥିପ୍ରତି ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ ବୋଲି ସହରର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କୁ ସ୍କୁଲ ପିଅନ ବଳାତ୍କାର କରିଥିବା ଅଭିଯୋଗ

ଟିକିରି, ୨୨।୯ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଏକ ବାଳିକା ସେବାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ସ୍କୁଲର ପିଅନ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସ୍କୁଲ ଖାଇବା ଛୁଟି ସମୟରେ ପିଅନ ଜଣକ ନାବାଳିକାକୁ ଏକ କୋଠରିରେ କବାଟ ଦେଇ ବଳାତ୍କାର କରିଥିବା ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ନାବାଳିକାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ବିରୋଧ କରି ଗ୍ରାମବାସୀ ସେବାଶ୍ରମ ସମ୍ମୁଖରେ ପାଟିତୁଣ୍ଡ କରିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ୟକ୍ତ ଲୋକେ ସ୍କୁଲ ସମ୍ମୁଖରେ ଥିବା ଏକ ଗାଡିରେ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। ଖବରପାଇ ସେବାଶ୍ରମ ଆଗରେ ପୋଲିସ ମୁତୟନ କରାଯାଇଛି । ପୋଲିସ ସମ୍ପୃକ୍ତ ପିଅନକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କୁ ଫୋନ କରିବାରୁ ସେ କାଟିଦେବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଅଭିଭାବକ ସହଭାଗିତା ସମ୍ମିଳନୀ



ବୈଠକରେ ମଞ୍ଚାସୀନ ଅତିଥିମାନେ।

ଚନ୍ଦ୍ରପୁର,୨୨।୯(ବିଜୟ ପ୍ରସାଦ ଉଲ୍ଲାକା)

ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ଆଦିବାସୀ, ହରିଜନ ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅଭିଭାବକ ସହଭାଗିତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବିଡିଓ ଅକ୍ଷୟ କୁମାର ମଲିକ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ପ୍ରଥମେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଏଥିରେ ଅଭିଭାବକ, ଛାତ୍ରୀଛାତ୍ରଙ୍କ ସହାଭାଗିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ସରକାରଙ୍କ ତରଫରୁ ରହିଥିବା ସୁବିଧା, ସୁଯୋଗ ସହ ସେମାନଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ମିଳନୀ କକ୍ଷରେ ମିଲେଟ ମିଶନ, ବନ ବିଭାଗ, ଶିକ୍ଷା ବିଭାଗ, ଆଇସିଡିଏସ ତରଫରୁ ବିଭିନ୍ନ ଷ୍ଟଲ ନିର୍ମାଣ କରାଯାଇ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଡାଙ୍ଗସୋରଡ଼ା ସରପଞ୍ଚ ଅନିତା ଶବର, ଶିକ୍ଷା ବିଭାଗର ଏବିଇଓ ବାଲକୃଷ୍ଣ ବିହାରୀ, ସହକାରୀ କୃଷି ଅଧିକାରୀ ଅର୍ପିତା ବେହେରା ମାଝି, ଶିକ୍ଷକ ଜଗନାଥ ଉତ୍ତରକବାଟ, କୈଳାସ ଶବର, ସିଆର୍‌ସିସି ନିରଞ୍ଜନ ନାୟକ, ପୁରାତନ ଛାତ୍ର ଭୀମ ଗୋଗେରେଙ୍ଗା, ବିଜୟ ଉଲାକା, ଶିକ୍ଷକ ସୁରଥ କୁସୁଲିଆ, ରବୀନ୍ଦ୍ର କୁମାର ବିହାରୀ, ସଞ୍ଜୟ ବେହେରା, ଦୁର୍ଗାପ୍ରସାଦ ନାୟକ, ରାମଚନ୍ଦ୍ର ମିନିଆକା, କଣ୍ଠ ଗମାଙ୍ଗଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ସହ ପୁରାତନ ଛାତ୍ର ଭୀମ ଗୋଗେରେଙ୍ଗା, ବିଜୟ ଉଲାକାଙ୍କୁ ପୁଷ୍ପ ଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଜଗନ୍ନାଥ ଉତ୍ତର କବାଟ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଗୋପାଳପୁର,୨୨।୯(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ନିକଟରେ ଗୁରୁବାର ରାତିରେ ପିକଅପ ଭ୍ୟାନ ଓ ବୁଲେଟ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଜଗତସିଂହପୁର ଜିଲା ଦାସମୋହନପୁର ଗ୍ରାମର ପ୍ରଶାନ୍ତ ହୋତା। ପ୍ରଶାନ୍ତ ହୋତା ଓ ଗୋବିନ୍ଦ ଚନ୍ଦ୍ର ମିଶ୍ର ଗୁରୁବାର ରାତିରେ କାର୍ଯ୍ୟସାରି ବୁଲେଟ ଯୋଗେ ଫେରୁଥିବା ବେଳେ ହଠାତ ବିପରିତ ଦିଗରୁ ଆସୁଥିବା ଏକ ପିକଅପ ଭ୍ୟାନ ରଙ୍ଗେଇଲୁଣ୍ଡା ବ୍ଲକ ନିକଟରେ ଧକ୍କା ଦେବାରୁ ପ୍ରଶାନ୍ତଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

## ଗଣେଶ ପୂଜା ଅବସରରେ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ


ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ରିକ୍ଲାମେସନ କଲୋନୀ ୱାର୍ଡ ନଂ. ୧୫ରେ ରିକ୍ଲାମେସନ ରାଇଜିଂ କ୍ଲବ ଆନୁକୂଲ୍ୟରେ ଗଣେଶ ଚତୁର୍ଥୀର ତୃତୀୟ ଦିନରେ କୁନି କୁନି ଛୁଆମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି କୁନି କୁନି ପିଲାଙ୍କ ଓଡିଶୀ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗ ଦେଇ ପିଲାଙ୍କ ନୃତ୍ୟ ପରିବେଷଣକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ରାଇଜିଂ କ୍ଲବ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ସେଠି, କ୍ଲବ ଉପଦେଷ୍ଟା ଶ୍ୟାମସୁନ୍ଦର ନାୟକ, ମନ୍ମଥ ମଜୁମଦାର, ତପନ ବିଶ୍ୱାସ, ବବ୍‌ଲୁ ଭଟାଚାର୍ଯ୍ୟ, ପ୍ରଶାନ୍ତ ସତପଥୀ, ଲକ୍ଷ୍ମୀନାଥ ମହାରଣା, ମନୋଜ କୁମାର ସାହା, ବିନାଶ କୁମାର ମିଶ୍ର, ବି. ବିଭୁତି ଭୁଷଣ, ବଳରାମ ସୁନାନୀଙ୍କ ସହ ରାଇଜିଂ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା।

## ତରାମାଳ-ଗଙ୍ଗାପୁର ରାସ୍ତା ଶୋଚନୀୟ

ଗୁଣପୁର,୨୨।୯ (ପ୍ରଦୀପ କୁମାର ପାଢୀ)


ଖାଲଖମା ଯୋଗୁ ରାସ୍ତାରେ ପାଣି ଜମିଛି ।

ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ତରାମାଳଠାରୁ ଗଙ୍ଗାପୁର ଛକ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଦୀର୍ଘ ୫ କିମି ରାସ୍ତାର ବିଭିନ୍ନ ସ୍ଥାନ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଲୋକେ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାପ ରାସ୍ତା ଯୋଗୁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ଅଭିଯୋଗ ହେଉଛି। ବର୍ଷା ଦିନେ ଏହି ରାସ୍ତା ମାଟି କାଦୁଅରେ ଭର୍ତ୍ତି ହୋଇଥିବାରୁ ଛାତ୍ରୀଛାତ୍ରମାନେ ଏହି ରାସ୍ତା ଦେଇ ସ୍କୁଲକୁ ଯିବା ଆସିବା କରିବା ପାଇଁ ସମସ୍ୟା ସୃଷ୍ଟି କରୁଛି। ଏପରିକି ସେହି ରାସ୍ତା ଦେଇ ଆମ୍ବୁଲାନ୍ସ ଯିବା ସମୟରେ ମଧ୍ୟ ବିଳମ୍ବ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏ ନେଇ ବିଭିନ୍ନ ସମୟରେ ଅଧିକାରୀମାନଙ୍କୁ ଅନେକ ଥର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଦିଲେଶ୍ୱର ବେହେରା ଅଭିଯୋଗ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ରାସ୍ତାରେ ଛୁଟୁଛି ପାଣି ସୁଅ

ଟିକିରି, ୨୨।୯ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ କୋଡ଼ିପାରି ପଞ୍ଚାୟତ ମଲିଝରଣ ଗାଁକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଖାଲ ଢିପରେ ଭର୍ତ୍ତି ହୋଇଥିବାବେଳେ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପ୍ରାୟ ୧ରୁ ୨ ଫୁଟର ପାଣି ସୁଅ ଛୁଟୁଛି। ଫଳରେ ବର୍ଷାଦିନେ ଉକ୍ତ ମାଟି ରାସ୍ତାରେ ଗ୍ରାମବାସୀଙ୍କୁ ଯାତାୟାତ କରିବାକୁ ବହୁତ କଷ୍ଟକର ହୋଇପଡୁଛି। ରାସ୍ତା ମରାମତି ପାଇଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ମଲିଝରଣ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ସମୟରେ ନେତା ମନ୍ତ୍ରୀଙ୍କ ଦେଖା ମିଳିଥାଏ। ସେହି ସମୟରେ ନେତାମାନେ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି। ଆମେ ଜିତିଲେ ଗାଁକୁ ରାସ୍ତା କରିଦେବୁ, ପାନୀୟ ଜଳ ସମସ୍ୟା ଦୂରହେବ ଇତ୍ୟାଦି। କିନ୍ତୁ ନିର୍ବାଚନ ସରିବା ପରେ ଆଉ କାହାର ଦେଖାମିଳେନି କି ପ୍ରତିଶ୍ରୁତି ମଧ୍ୟ ପୂରଣ ହୁଏନି ବୋଲି ଗ୍ରାମବାସୀ କହିଛନ୍ତି। ଗତ ବର୍ଷ ଜୁଲାଇ ୨୦ରେ ରାୟଗଡ଼ା ଜିଲାପାଳ ମଲିଝରଣ ଗ୍ରାମ ଗସ୍ତକରି ରାସ୍ତା ସମସ୍ୟା, ପାନୀୟ ଜଳର ସମସ୍ୟା ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ପ୍ରତିଶ୍ରୁତିକୁ ଆଜିକୁ ଗୋଟିଏ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ୍ୟ ରାସ୍ତା କାର୍ଯ୍ୟ ହୋଇପାରିଲା ନାହିଁ। ଫଳରେ ମଲିଝରଣ ଗ୍ରାମବାସୀ ବର୍ଷାଦିନେ ଉକ୍ତ ରାସ୍ତାରେ ଯିବାଆସିବା କରିବାକୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି।


ମଲିଝରଣ ଗାଁକୁ ଯାଉଥିବା ରାସ୍ତା ଉପରେ ପାଣି।

## ୨୧ ପଞ୍ଚାୟତ ସରପଞ୍ଚଙ୍କ କଲମଛାଡ଼ ଆନ୍ଦୋଳନ

ବିଷମକଟକ,୨୨।୯(ବିଭୂତି ଭୂଷଣ ନାୟକ)

ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚମାନଙ୍କୁ ଅଣଦେଖା କରାଯାଉଥିବା ସହ ୧୨ଦଫା ଦାବି ନେଇ ବିଷମ କଟକ ବ୍ଲକ୍‌ର ୨୧ ପଞ୍ଚାୟତର ସରପଞ୍ଚମାନେ ଶୁକ୍ରବାରଠାରୁ କଲମଛାଡ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ବିଷମକଟକ ସରପଞ୍ଚ ସଂଘ ସଭାପତି ଅଜିତ ସାରକାଙ୍କ ନେତୃତ୍ୱରେ ବ୍ଲକ୍ ସଂଘ ପକ୍ଷରୁ ବିଡିଓ ସଦାଶିବ ନାୟକଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୁକ୍ରବାରଠାରୁ ସେମାନେ କଲମଛାଡ ଆନ୍ଦୋଳନ କରିବା ସହ ସରକାରୀ କାର୍ଯ୍ୟରେ ଅସହଯୋଗ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୧୪ତାରିଖରେ ରାୟଗଡ଼ା ସରପଞ୍ଚ ମହାସଂଘ ପକ୍ଷରୁ ୧୨ଦଫା ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏଥିସହ ରାଜ୍ୟ ସଂଘ ପକ୍ଷରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗୀୟ ମନ୍ତ୍ରୀ ଅଶୋକ ପଣ୍ଡାଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ମନ୍ତ୍ରୀ ପଣ୍ଡା ସେପ୍ଟେମ୍ବର ୨୨ତାରିଖ ସୁଦ୍ଧା ଆଲୋଚନା କରିବା ସହ ନିଷ୍ପତ୍ତି ଗ୍ରହଣ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ଯାଏଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ରାଜ୍ୟ ମହାସଂଘ ଡାକରାରେ ଶୁକ୍ରବାରଠାରୁ ସରପଞ୍ଚମାନେ କଲମ ଛାଡ ଆନ୍ଦୋଳନ ସହ ସରକାରୀ କାର୍ଯ୍ୟରେ ଅସହଯୋଗ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ବିଷମକଟକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସରପଞ୍ଚ ଚଞ୍ଚଳା ୱାଡାକା, ପି.କିରନ ଲତା, ନାମିତ କୁଲୁଷିକା, ନାରାୟଣ ଟୁଇକା, ବିଶ୍ୱନାଥ ଉର୍ଲାକ, ଅଜିତ କୁମାର ସାରକା, ବିଜୟ କୁମୁରିକ, ଚନ୍ଦ୍ରା ବତୀ କୁମୁରୁକା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତକୁ ୫୦ଲକ୍ଷ ଟଙ୍କାରୁ ଅଧିକ ଅନୁଦାନ ଆସୁଥିଲେ ବିଡିଓଙ୍କ ଯେଉଁ କାଉଣ୍ଟର ସାଇନ ଆବଶ୍ୟକ ତାହାକୁ ହଟାଇବା, ପଲ୍ଲିସଭା, ଗ୍ରାମସଭାକୁ ଗୁରୁତ୍ୱ ଦେବା, ସରପଞ୍ଚଙ୍କ ଭତ୍ତା ୩୦ହଜାର ଟଙ୍କାକୁ ବୃଦ୍ଧି କରିବା, ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବା, ଜନସଂଖ୍ୟା ହାର ଅନୁଯାୟୀ ଅର୍ଥ ପ୍ରଦାନ ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।


ସରପଞ୍ଚମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

## ସଂକ୍ଷେପରେ

### ୩ ଜଣଙ୍କୁ ଧରିଲା ଓର୍କେଲ ପୋଲିସ

ମୋବାଇଲ, ଟଙ୍କା ଚୋରି ଘଟଣା



ବାଲିମେଳା,୨୨।୯ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ଆଶ୍ରୟ ନେଇଥିବା ମାଲକାନଗିରିର ରାଜେଶ ମଣ୍ଡଳ ନାମକ ଯୁବକଙ୍କଠାରୁ ଏକ ମୋବାଇଲ, ୨୫୦୦ ଟଙ୍କା ଓ ବ୍ଲୁ ଟୁଥ ଚୋରି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଓର୍କେଲ ପୋଲିସ ଧରିଛି। ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରି ଅନ୍ୟ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି । ତେବେ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ତାଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଗିରଫ ୨ ଅଭିଯୁକ୍ତ ହେଲେ ବାଲିମେଳାର ମୁନା ବାଘ, ଯୀଶୁଧନ ବାଘ। ଖବରରୁ ଜଣାପଡିଛି ବୁଧବାର ରାତି ପ୍ରାୟ ୨ଟାବେଳେ ବାଲିମେଳା ସହରର ନୂତନ ବସଷ୍ଟାଣ୍ଡ ପରିସରେ ଜ୍ୱରରେ ପୀଡିତ ହୋଇ ମାଲକାନଗିରିର ରାଜେଶ ଶୋଇଥିଲେ। ସେଠାରେ କେତେଜଣ ଦୁର୍ବୃତ ପହଞ୍ଚି ରାଜେଶଙ୍କ ମୁହଁକୁ ଏକ ଗାମୁଛାରେ ଚାପି ଧରି ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ, ବ୍ଲୁ ଟୁଥ୍ ଓ ନଗଦ ୨୫୦୦ରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଘଟଣା ସମ୍ପର୍କରେ ଯୁବକ ଜଣକ ବସଷ୍ଟାଣ୍ଡ ଅଞ୍ଚଳର କିଛି ବ୍ୟବସାୟୀ ଓ ବସ ଚାଳକ ସଂଘକୁ ଜଣାଇ ଏନେଇ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ କେସ ନଂ. ୨୧୮/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେଠାରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରିବା ପରେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ମାନଙ୍କର ପରିଚୟ ଜଣା ପଡିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାଲିମେଳାର ମୁନା, ଯୀଶୁଧନ ଓ ଜଣେ ୧୭ବର୍ଷୀୟ ନାବାଳକଙ୍କୁ ଧରିଥିଲା। ସେମାନଙ୍କଠାରୁ ୧୫୦୦ଟଙ୍କା ଜବତ ହୋଇଛି।

### ୧୮ କେଜି ଗଞ୍ଜେଇ ଜବତ, ୪ ଗିରଫ

ଖଜୁରିପଡା,୨୨।୯(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ରାଣୀ ପଥରଠାରେ ଶୁକ୍ରବାର ଅବକାରୀ ବିଭାଗ ୧୮ କେଜି ଗଞ୍ଜେଇ ସହିତ ଗୋଟିଏ ଇଣ୍ଡିଗୋ ଇସିଏସ ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପବିଙ୍ଗିଆର ପ୍ରକାଶ ଦିଗାଲ (୪୮), ସାଗର କୁମାର କହଁର (୨୨), ବିନୋଦ କହଁର(୪୨) ଓ ବାଳକୃଷ୍ଣ କହଁର (୪୯)।

# ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ

- ଗୋଷ୍ଠୀ ସଂଘର୍ଷରେ ଜଣେ ଗୁରୁତର, ୨ ଆହତ
- ଅଭିଯୁକ୍ତଙ୍କ ଘର ଭାଙ୍ଗି ଜିନିଷପତ୍ର ପୋଡ଼ିଦେଲେ ଉତ୍ତ୍ୟକ୍ତ ଲୋକେ

କୋଡିଙ୍ଗା, ୨୨।୯(ସମରେନ୍ଦ୍ର ପଟ୍ଟନାୟକ)

ସାମାନ୍ୟ ମୋଟରସାଇକେଲ ଲାଇଟକୁ ନେଇ ବଚସା। ଏହାକୁ ନେଇ ଘଟିଯାଇଛି ତୁମୁଳକାଣ୍ଡ। ଏହା ଶେଷରେ ଏତେ ବଢ଼ିଯାଇଥିଲା ଯେ, ଜଣେ ଯୁବକଙ୍କ ଗଳାକାଟି ହତ୍ୟା କରାଯାଇଛି। ଗୋଷ୍ଠୀ ସଂଘର୍ଷରେ ୩ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗିଦେଇଥିବାବେଳେ ଆସବାବପତ୍ର ସବୁ ପୋଡ଼ିଦେଇଥିବା ଜଣାପଡ଼ିଛି। ନବରଙ୍ଗପୁର ଜିଲା କୋଡିଙ୍ଗା ଥାନା ଅଧୀନ ଚଟ୍ଟାହାଣ୍ଡି ସଦର ପଞ୍ଚାୟତରେ ଏହି ଘଟଣା ଦେଖିବାକୁ ମିଳିଛି। ମୃତକ ଜଣକ ହରିଶ୍ଚନ୍ଦ୍ର ମାଝିଗୁଡା ଗ୍ରାମର ମହାଦେବ ଭତରା(୪୫)।

ସୂଚନାନୁଯାୟୀ ଗୁରୁବାର ରାତ୍ରି ପ୍ରାୟ ୮ଟାରେ ହରିଶ୍ଚନ୍ଦ୍ରମାଝିଗୁଡ଼ା ଗ୍ରାମର ମହାଦେବ ଭତରା, ନାରାୟଣ ଭତରା, ସୋମନାଥ ଭତରା ଓ ବୁଦ୍ଧୁରାମ ଭତରା ଚଟ୍ଟାହାଣ୍ଡି ଗ୍ରାମକୁ ବାଇକ୍‌ରେ ଗଣେଶପୂଜା ଦେଖିବାକୁ ଯାଇଥିଲେ।



ଉତ୍ତ୍ୟକ୍ତ ଲୋକମାନେ ଅଭିଯୁକ୍ତଙ୍କ ଘର ଆସବାବପତ୍ର ପୋଡ଼ିଦେଇଛନ୍ତି।

ବାଇକ୍ ହେଡ୍‌ଲାଇଟ ପୂର୍ଣ୍ଣ ହରିଜନଙ୍କ ଉପରେ ପଡିବା ପରେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପୂର୍ଣ୍ଣ ଏକ ଠେଙ୍ଗାରେ ମହାଦେବଙ୍କ ମୋଟରସାଇକେଲକୁ ପିଟି ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଏହାପରେ ମହାଦେବ ନିଜ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ପୂର୍ଣ୍ଣଙ୍କ ଘରକୁ ଯାଇ ଝଗଡ଼ା କରିଥିଲେ। ପୂର୍ଣ୍ଣ ଏବଂ ତାଙ୍କ ପରିବାର ବିଭିନ୍ନ ମାରଣାସ୍ତ୍ରରେ ମହାଦେବ ଓ ତାଙ୍କ ସମ୍ପର୍କୀୟଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ହିଁ ମହାଦେବଙ୍କର ମୃତ୍ୟୁ ହୋଇଯାଇଥିଲା। ଏଥିରେ ନାରାୟଣ ଗୁରୁତର ହୋଇଛନ୍ତି। ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ସୋମନାଥ ଓ ବୁଦ୍ଧୁରାମ ସାମାନ୍ୟ ଆହତ ହୋଇଛନ୍ତି। ଶୁକ୍ରବାର ହରିଶ୍ଚନ୍ଦ୍ରମାଝିଗୁଡ଼ା ଗ୍ରାମବାସୀ ପୂର୍ଣ୍ଣଙ୍କ ଗାଁରେ ପହଞ୍ଚି ତାଙ୍କ ଘର ଭାଙ୍ଗିଦେବା ସହ ଆସବାବ ପତ୍ର ବାହାରକୁ ଆଣି ନିଆଁ ଲଗାଇ ଦେଇଛନ୍ତି। ମହାଦେବଙ୍କ ସାନଭାଇ ରତି ଭତରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୋଡିଙ୍ଗା ପୋଲିସ ୧୧୯/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ସୁରକ୍ଷା ଦୃଷ୍ଟିରୁ ଅଭିଯୁକ୍ତଙ୍କ ପରିବାର ଲୋକଙ୍କୁ କୋଡିଙ୍ଗା ଥାନାରେ ଆଣି ରଖାଯାଇଥିବା ସୂଚନା ମିଳିଛି । ଏବେ ଗ୍ରାମରେ ପୋଲିସ ଟିମ୍, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ମୁତୟନ ରହି ତଦନ୍ତ କରୁଥିବା ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ ସୂଚନା ଦେଇଛନ୍ତି। ଅଭିଯୁକ୍ତ ପୂର୍ଣ୍ଣ ଫେରାର ଥିବା ପୋଲିସ କହିଛି।

# ଗଣେଶପୂଜା ଅବସରରେ ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ



ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ରିକ୍ଲାମେସନ କଲୋନୀ ୱାର୍ଡ ନଂ. ୧୫ରେ ରିକ୍ଲାମେସନ ରାଇଜିଂ କ୍ଲବ ଆନୁକୁଲ୍ୟରେ ଗଣେଶ ଚତୁର୍ଥୀର ତୃତୀୟ ଦିନରେ କୁନି କୁନି ଛୁଆମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି କୁନି କୁନି ପିଲାଙ୍କ ଓଡିଶୀ ନୃତ୍ୟ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗ ଦେଇ ପିଲାଙ୍କ ନୃତ୍ୟ ପରିବେଷଣକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ରାଇଜିଂ କ୍ଲବ ମୁଖ୍ୟ ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ସେଠି, କ୍ଲବ ଉପଦେଷ୍ଟା ଶ୍ୟାମସୁନ୍ଦର ନାୟକ, ମନ୍ମଥ ମଜୁମଦାର, ତପନ ବିଶ୍ୱାସ, ବବ୍‌ଲୁ ଭଟାଚାର୍ଯ୍ୟ, ପ୍ରଶାନ୍ତ ସତପଥୀ, ଲକ୍ଷ୍ମୀନାଥ ମହାରଣା, ମନୋଜ କୁମାର ସାହା, ବିନାଶ କୁମାର ମିଶ୍ର, ବି. ବିଭୁତି ଭୁଷଣ, ବଳରାମ ସୁନାନୀଙ୍କ ସହ ରାଇଜିଂ କ୍ଲବର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ପ୍ରାୟ ହଜାରେରୁ ଉର୍ଦ୍ଧ୍ୱ ଜନ ସମାଗମ ହୋଇଥିଲା।

## ଛାତ୍ରୀଙ୍କୁ ସ୍କୁଲ ପିଅନ ବଳାତ୍କାର କରିଥିବା ଅଭିଯୋଗ

ଟିକିରି, ୨୨।୯ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଏକ ବାଳିକା ସେବାଶ୍ରମରେ ଜଣେ ତୃତୀୟ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ସ୍କୁଲର ପିଅନ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ସ୍କୁଲ ଖାଇବା ଛୁଟି ସମୟରେ ପିଅନ ଜଣକ ନାବାଳିକାକୁ ଏକ କୋଠରୀ‌ରେ କବାଟ ଦେଇ ବଳାତ୍କାର କରିଥିବା ଛାତ୍ରୀଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ନାବାଳିକାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ସେବାଶ୍ରମ ସମ୍ମୁଖରେ ପାଟିତୁଣ୍ଡ କରିବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଖବରପାଇ ସେବାଶ୍ରମ ଆଗରେ ପୋଲିସ ମୁତୟନ କରାଯାଇଛି । ପୋଲିସ ସମ୍ପୃକ୍ତ ପିଅନକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏ ସମ୍ପର୍କରେ ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କୁ ଫୋନ କରିବାରୁ ସେ କାଟିଦେବାରୁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଦୁର୍ଘଟଣାରେ ଜଣେ ମୃତ

ଗୋପାଳପୁର,୨୨।୯(ନବୀନ ରାଜ ଆଚାରୀ)

ଗୁରୁବାର ରାତିରେ ଗୋଳନ୍ଥରା ଥାନା ନିକଟରେ ପିକଅପ ଭ୍ୟାନ ଓ ବୁଲେଟ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ସେ ହେଲେ ଜଗତସିଂହପୁର ଜିଲା ଦାସମୋହନପୁର ଗ୍ରାମର ପ୍ରଶାନ୍ତ କୁମାର ହୋତା (୩୫)। ଆହତ ଜଣକ ହେଲେ ତାନଡ଼ାପଡ଼ା ଗ୍ରାମର ଗୋବିନ୍ଦ ଚନ୍ଦ୍ର ମିଶ୍ର। ପ୍ରଶାନ୍ତ କୁମାର ହୋତା ଓ ଗୋବିନ୍ଦ ଚନ୍ଦ୍ର ମିଶ୍ର ଏହି ଥାନା ଅଧିନ ଅଟୋନଗର ସ୍ଥିତ ଏକ ସୋରୁମରେ କାମ କରୁଥିଲେ। ସବୁଦିନ ଭଳି ଗୁରୁବାର ରାତିରେ କାର୍ଯ୍ୟସାରି ବୁଲେଟ ଯୋଗେ ପ୍ରଶାନ୍ତ ଓ ଗୋବିନ୍ଦ କନିଷି ଫେରୁଥିବା ବେଳେ ହଠାତ ବିପରିତ ଦିଗରୁ ଆସୁଥିବା ଏକ ପିକଅପ ଭ୍ୟାନ ରଙ୍ଗେଇଲୁଣ୍ଡା ବ୍ଲକ ନିକଟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋବିନ୍ଦ ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ପୋଖରୀରେ ବୁଡ଼ି ବାଳକ ମୃତ

କୋରାପୁଟ,୨୨।୯ (ଅମିତାଭ ବେହେରା)

ଶୁକ୍ରବାର କୋରାପୁଟ ବ୍ଲକ ଗୌଡ଼ଗୁଡା ଗ୍ରାମରେ ଶୁକ୍ରବାର ଦୃଷ୍ଟିହୀନ ବାଳକ ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ନାମ ରାମ ଗୌଡ଼(୧୦)। ଖବରରୁ ଜଣାପଡିଛି ଗୌଡ଼ଗୁଡ଼ା ଗ୍ରାମର ଟଙ୍କଧର ଗୌଡ଼ଙ୍କ ପୁଅ ରାମ କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ୫ଦିନ ତଳେ ସେ ଅସୁସ୍ଥ ହୋଇପଡିବାରୁ ଦୃଷ୍ଟିହୀନ ବିଦ୍ୟାଳୟରୁ ଚିକିତ୍ସା ଲାଗି ଶହୀଦ ଲକ୍ଷ୍ମଣ ମେଡ଼ିକାଲ ଯାଇଥିଲେ। ସେଠାରୁ ଫେରିବା ପରେ ଗଣେଶପୂଜା ପରେ ବିଦ୍ୟାଳୟରୁ ଛୁଟି ନେଇ ଘର ଗୌଡଗୁଡା ଗ୍ରାମକୁ ଯାଇଥିଲେ। ଶୁକ୍ରବାର ସେ ଗାଧୋଇବା ଲାଗି ପୋଖରୀକୁ ଯାଇଥିଲେ। ଗାଧୋଉଥିବା ବେଳେ ତାଙ୍କ ଗୋଡ ଖସି ଯିବାରୁ ସେ ପୋଖରୀରେ ବୁଡି ନିଖୋଜ ହୋଇଯାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ, କୋରାପୁଟ ପୋଲିସ ଏବଂ ଆମ୍ବୁଲାନ୍ସ ପହଞ୍ଚିଛି। ଅଗ୍ନିଶମ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ଦ୍ୱାରା ପୋଖରରୁ ପାଣି ବାହାରକୁ କଢାଯିବା ପରେ ରାମଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଖବର ଗୌଡ଼ଗୁଡା ଗ୍ରାମରେ ଶୋକ ଛାୟା ଖେଳାଇ ଦେଇଛି।

# ଗୋଡ଼ ଖସି ଗାତରେ ପଡ଼ି ଶିଶୁକନ୍ୟା ମୃତ

ପଟ୍ଟାଙ୍ଗି,୨୨।୯(ଶରତ ଧଳ)

ମାଆଙ୍କ ସହ ଚାଷଜମିକୁ ଯାଉଥିବା ସମୟରେ ଗୋଡ଼ ଖସି ଏକ ଗାତରେ ଖସିପଡି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ରାଲେଗଡ଼ା ପଞ୍ଚାୟତର ଉପରସାହିରେ ବସବାସ କରୁଥିବା ମାଧବ ସାକିଆଙ୍କ ପରିବାର କ୍ଷେତ୍ରରେ ଏପରି ଘଟିଛି। ମାଧବଙ୍କ ସ୍ତ୍ରୀ ରାଧାମଣି ସକାଳୁ ଗ୍ରାମ ନିକଟସ୍ଥ ନିଜ ଚାଷଜମିକୁ ସାନ ଝିଅ ନୟନା(୨)ଙ୍କୁ ସାଥିରେ ଧରି ଯାଉଥିଲେ। ମାଆ ଆଗରେ ଚାଲିଚାଲି ଯାଉଥିବା ବେଳେ ଝିଅ ନୟନା ତାଙ୍କ ପଛେ ପଛେ ଯାଉଥିବା ସମୟରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ସେ ଏକ ଖାଲରେ ପଡିଯାଇଥିଲେ। ଝିଅ ଖାଲରେ ପଡ଼ିଯିବା ଶବ୍ଦ ଶୁଣି ମା' ସଙ୍ଗେ ସଙ୍ଗେ ଫେରି ଆସି ଖାଲରୁ ଝିଅକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଖାଲରେ ଭର୍ତ୍ତି ହୋଇଥିବା ବର୍ଷାପାଣିରେ ଝିଅ ବୁଡି ଯାଇଥିଲା। ନୟନାଙ୍କ ପାଟି ଶୁଣି ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ଝିଅକୁ ଗାତରୁ ବାହାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାପା ମାଧବ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ ଜାରି ରଖିଥିବା ଜଣାପଡ଼ିଛି। ଏହିପରି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇ ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା ଓ ଜିଲା ପରିଷଦ ସଭ୍ୟ ଲଇଚନ ଖରା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି। ସୂଚନାଯୋଗ୍ୟ, ନୟନା ରାଲେଗଡା ପଞ୍ଚାୟତର ପିଲିକାବିଟ୍ରା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଭାବେ କାର୍ଯ୍ୟକରୁଛନ୍ତି।

# ଲଗାଣ ବର୍ଷାରେ ଭାଙ୍ଗିଛି ୧୭ ଘର



ପୌର ପରିଷଦ ପକ୍ଷରୁ ଏକ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରାଯାଉଛି।

ଜୟପୁର, ୨୨।୯ (ପବନ ପାଣିଗ୍ରାହୀ)

ତିନି ଚାରି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ଜୟପୁର ପୌରାଞ୍ଚଳରେ ୧୭ଟି ଘର ଭାଙ୍ଗିଛି। ଏନେଇ ଜିଲାପାଳଙ୍କ ନିର୍ଦ୍ଦେଶରେ ଜୟପୁର ପୌର ପାଳିକାର ଏକ ଟିମ୍ ପ୍ରତ୍ୟେକ ଘର ମାଲିକଙ୍କ ପାଖକୁ ଯାଇ ରେଡକ୍ରସ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ୨୫ ଶହ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି। ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଘର ଘର ବୁଲି ଏହି ସହାୟତା ରାଶି ପ୍ରଦାନ କରିଥିବା ଜଣାଯାଇଛି ।

# ଜିଲା ବିଜୁ ଯୁବ ଜନତା ଦଳ ପକ୍ଷରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ



ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆଡମା ରାବା କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ମାଲକାନଗିରି,୨୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଆଡମା ରାବାଙ୍କ ନେତୃତ୍ୱରେ ଶୁକ୍ରବାର ଜିଲାର ୨ଟି ନିର୍ବାଚନ ମଣ୍ଡଳୀର ସମସ୍ତ ବ୍ଲକ ଓ ପୌରାଞ୍ଚଳ, ଏନଏସି ସଭାପତିମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଯୁବ ସଭାପତିମାନଙ୍କୁ ନିଜ ନିଜ ଅଞ୍ଚଳରେ ପ୍ରଦାନ କରାଯାଇଥିବା ଦାୟିତ୍ୱ କିପରି ତୁଲାଉଛନ୍ତି ସେନେଇ ଯୁବ ସଭାପତି ରାବା ପଚାରି ବୁଝିଥିଲେ । ଏଥିସହ ଆଗାମୀ କାର୍ଯ୍ୟକ୍ରମ ନେଇ ଖସଡ଼ା ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ପରେ ସମସ୍ତ ବ୍ଲକ, ପୌରପରିଷଦ ଏବଂ ଏନଏସିରୁ ଆସିଥିବା ସଭାପତିମାନେ ନିଜ ନିଜ ଅଞ୍ଚଳରେ ଚାଲିଥିବା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସୂଚୀ ଦେବା ସହ ଅଞ୍ଚଳର ଅନ୍ୟ ସମସ୍ୟା ଉପରେ ଯୁବ ସଭାପତିଙ୍କୁ ଅବଗତ କରାଇଥିଲେ । ସମସ୍ୟା ଶୁଣିବା ପରେ ରାବା ଏବାବଦରେ ବ୍ଲକ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଜିଲା ଛାତ୍ର ଜନତା ଦଳ ସଭାପତି ତାପସ ରଞ୍ଜନ ନାୟକ ଉପସ୍ଥିତ ରହି ନିଜ ମତ ରଖିଥିଲେ।

# ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ

ପୋଟେରୁ, ୨୨।୯ (ସୌରଭ ମଣ୍ଡଳ)

ମାଲକାନଗିରି ବ୍ଲକ ଅନ୍ତର୍ଗତ ଶିଖପଲ୍ଲି ଅନୁସୂଚିତ ଜନଜାତି ଉଚ୍ଚ ବାଳିକା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସ୍ୱାଇଁଙ୍କ ସଭାପତିତ୍ୱରେ ଶୁକ୍ରବାର ଆମେ ଜାଣିବା, ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ଛାତ୍ରୀ ଏବଂ ଅଭିଭାବକ ମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ମାଲକାନଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତି ଖୋଡ଼ିଆ, ମୁଖ୍ୟବକ୍ତା ଡକ୍ଟର ରଞ୍ଜନ ସ୍ୱାଇଁ, ଅନ୍ୟତମ ଅତିଥି ରୂପେ ପ୍ରଫୁଲ୍ଲ ଭୁଜବଳ, ସମ୍ମାନିତ ଅତିଥି ରୂପେ ପ୍ରଭାକର ମଲ୍ଲିକ, ସୀମାସୁରକ୍ଷାର ଏସ୍‌ଆଇ ସଚିନ୍ଦ୍ର ବେହେରା, ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ର, ବନରକ୍ଷୀ ସରୋଜ ସ୍ୱାଇଁ, ରମେଶ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଘ୍ନ ବିନାଶକ ଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ସମ୍ପର୍କରେ ସଂପୂର୍ଣ୍ଣ ବିବରଣୀ ଦେଇଥିଲେ। ଛାତ୍ରୀମାନଙ୍କ ପାଇଁ ଆସୁଥିବା ସରକାରୀ ସହାୟତା, ଶିକ୍ଷା ବ୍ୟବସ୍ଥାର ନୀତିନିୟମ ଉପରେ ଆଲୋଚନା କରାଯାଇ ଏ ଦିଗରେ ଅଭିଭାବକମାନଙ୍କ ମଧ୍ୟ ସହଯୋଗ ରହିବା ଉଚିତ ବୋଲି ଅଭିଭାବକଙ୍କ ସହ ଆଲୋଚନା ବେଳେ ଅବଗତ କରାଯାଇଥିଲା। ଏହି ଅବସରରେ 'ଆମ ଓଡିଶା' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ପର୍କିତ ଜୀବନ କୌଶଳ ଶିକ୍ଷା, ବିଜ୍ଞାନ, ସିଲେଇ ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟା ଉପରେ ବିଭିନ୍ନ ଷ୍ଟଲ୍ ଖୋଲାଯାଇଥିଲା। ଶିକ୍ଷୟିତ୍ରୀ ଝରଣା ଶତପଥୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ

ମାଲକାନଗିରି, ୨୨।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଗୁରୁପ୍ରିୟା ଛାତ୍ରୀନିବାସରେ ଶୁକ୍ରବାର ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ମୁଖ୍ୟବକ୍ତା ଭାବେ ମାଲକାନଗିରି ବିଡିଓ ପ୍ରଭାତି ଖୋଡିଆ, ଶିକ୍ଷା ଅଧିକାରୀ ଆଶୁତୋଷ ଖଟେଇ, ମହିଳା ଶିଶୁ କଲ୍ୟାଣ ସୁପରଭାଇଜର ବିଜୟଲକ୍ଷ୍ମୀ ସଭାସୁନ୍ଦର, ମାଲକାନଗିରି ବ୍ଲକ ଶିକ୍ଷାଧିକାରୀ ରବିନ୍ ଧର, କୃଷି ଅଧିକାରୀ ଫିରୋଜ କୁମାର ବିଡିକା, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଏସ୍.କେ. ମଂଜୁ ଅହମ୍ମଦ, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର ଅଂଶଗ୍ରହଣ କରିଥିଲେ। ତେବେ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜାତି ଜନଜାତି ପଦାଧିକାରୀ ହୋଇଥିବା ବେଳେ ସେମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆମେ ଜାଣିଥିଲୁ ବୋଲି ଆଜି ଜିଣିଛୁ । ପିଲାଦିନେ ଶିକ୍ଷା କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରି ବିଭିନ୍ନ ଶିକ୍ଷା ସହ ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରିଥିବାରୁ ଆଜି ଆମେ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇଛୁ। ତେଣୁ ଅଭିଭାବକମାନେ ନିଜ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ।




ବୈଠକରେ ମଞ୍ଚାସୀନ ଅତିଥିମାନେ।

ଜିଲାର ବିଭିନ୍ନ ଅଞ୍ଚଳରୁ ଗରିବ ଶ୍ରେଣୀର ପ୍ରାୟ ୩୬୦ଜଣ ଛାତ୍ରୀ ଗୁରୁପ୍ରିୟା ଛାତ୍ରୀନିବାସରେ ରହି ମାଲକାନଗିରିର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ଛାତ୍ରୀମାନେ କିପରି ଆଗାମୀ ଦିନରେ ଶିକ୍ଷାପ୍ରତି ଆକୃଷ୍ଟ ହେବା ସହ ନିଜର ଆଚରଣ ଉଚାରଣ, ପୋଷାକ, ଖାଦ୍ୟ, ଏବଂ ପରିବେଶ ଉପରେ ଧ୍ୟାନ ଦେବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଅଂଶଗ୍ରହଣ କରିଥିଲେ। ପରେ ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ତେନ୍ତୁଳିଗଛରୁ ଖସି ନାବାଳକ ଗୁରୁତର



ପାପଡ଼ାହାଣ୍ଡି,୨୨।୯(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ସଦର ଗାଁର ଦିଲ୍ଲୀପ ଯାନୀ ତେନ୍ତୁଳି ଗଛରୁ ଖସି ଗୁରୁତର ହୋଇଛନ୍ତି । ତାଙ୍କୁ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ଦିଲ୍ଲୀପ ଘର ପାଖ ଏକ ତେନ୍ତୁଳି ଗଛରେ ଚଢ଼ିଥିଲେ। ଅସାବଧାନତା ଯୋଗୁ ଗୋଡ଼ ଖସି ଯିବାରୁ ସେ ତଳେ ପଡ଼ି ଗୁରୁତର ହୋଇଥିଲେ । ଗୁରୁତର ଦିଲ୍ଲୀପଙ୍କୁ ପରିବାର ଲୋକ ଉଦ୍ଧାର କରି ଏକ ବାଇକ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣି ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ୮ଘଣ୍ଟା ରାସ୍ତାରୋକୋ

### ଟ୍ରକ୍ ଧକ୍କାରେ ୨ ଯୁବକ ମୃତ

ଉମରକୋଟ, ୨୨।୯(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଡଙ୍ଗରିଗୁଡ଼ା ଆଦର୍ଶ ବିଦ୍ୟାଳୟ ନିକଟସ୍ଥ ପୋଲ ପାଖରେ ଗୁରୁବାର ବିଳମ୍ବିତ ରାତିରେ ୨ଜଣ ଯୁବକ କଥା ହେଉଥିବା ସମୟରେ ନବରଙ୍ଗପୁରରୁ ଉମରକୋଟ ଆସୁଥିବା ଏକ କାଠ ବୋଝେଇ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କର ମୃତ୍ୟୁ ହୋଇଥିଲା। ସେମାନେ ହେଲେ ଉମରକୋଟ ପୌରାଞ୍ଚଳ ଚଢ଼େଇଗୁଡ଼ା ଗ୍ରାମର ମହେଶ ଗଣ୍ଡ (୩୦) ଓ ଅଜୟ ସୁନା (୨୧)। ମହେଶ ଡ୍ରାଇଭରଭାବେ କାମ କରୁଥିବାବେଳେ ଅଜୟ ଜଣେ ଜିଲାସ୍ତରୀୟ ଫୁଟ୍‌ବଲ ଖେଳାଳି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ (ଓଡି-୧୬ଇ-୦୮୧୮)କୁ ପାଖରେ ଥିବା ଲୋକେ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ଡ୍ରାଇଭର ସେମାନଙ୍କ ଉପରେ ଗାଡ଼ି ଚଳାଇବାକୁ ଚେଷ୍ଟା କରିଥିଲେ ବୋଲି ସୂଚନା ମିଳିଛି। ଏଥିସହ ୩୦୦ ମିଟର ଦୂରରେ ଗାଡି ରଖି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ରାତିରେ ପହଞ୍ଚି ମୃତଦେହଗୁଡ଼ିକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଶୁକ୍ରବାର ସକାଳେ କ୍ଷତିପୂରଣ ଦାବିରେ ପରିବାର ଓ ଗ୍ରାମବାସୀ, କାଉନସିଲର ମୁନା ପାଢ଼ୀ, ମିଲୁ ପଣ୍ଡା ଉମରକୋଟ- ନବରଙ୍ଗପୁର ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଉମରକୋଟ ଓ ନବରଙ୍ଗପୁର ମଧ୍ୟରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଖବରପାଇ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୌରାଧକ୍ଷା ରାଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ, ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର , ତହସିଲଦାର ତୁଳା ମୁଦୁଲି, ଉପଖଣ୍ଡ ଅଧିକାରୀ ମଧୁସିକ୍ତା ମିଶ୍ର, ରାଇଘର ଥାନାଧିକାରୀ, ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମିଶ୍ର, ଏଏସ୍‌ଆଇ ରାମଚନ୍ଦ୍ର ବେହେରା, ଏଏସ୍‌ଆଇ ସୁଖଦେ ଛାତ୍ରୀୟ, ଏଏସ୍‌ଆଇ ଶରତ ଚନ୍ଦ୍ର କୁଟୁରୁକା ମୃତକଙ୍କ ପରିବାର ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରଶାସନ ପକ୍ଷରୁ ଉପଜିଲାପାଳ ଜିଲା ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୨୦ ହଜାର ଲେଖାଏ ଟଙ୍କା ସହାୟତା ଦିଆଯାଇଛି। ଟ୍ରକ୍ ମାଲିକ ମଧ ଆର୍ଥିକ ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ କଥାହୋଇ ଜିଲାପାଳଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଉଭୟ ମୃତକଙ୍କ ପରିବାରକୁ ୩ଲକ୍ଷ ଟଙ୍କା ସହାୟତା ଯୋଗାଇଦେବାକୁ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। ପୋଲିସ ଟ୍ରକ୍ ଜବତକରି ଥାନାରେ ରଖିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ ଏକ ଶୋକାକୁଳ ପରିବେଶରେ ଚଡେଇଗୁଡ଼ା ଗ୍ରାମରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି।



ଗ୍ରାମବାସୀ ରାସ୍ତାରୋକୋ କରୁଛନ୍ତି।

# ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବାକୁ ଚିଠି କଲେ ଜିଲାପାଳ

ନବରଙ୍ଗପୁର,୨୨।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଗୁରୁବାର ଜିଲାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ୩ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ଲାଗି ସରକାରଙ୍କୁ ନିବେଦନ କରିଛନ୍ତି। ଜିଲାପାଳଙ୍କ ଚିଠି ନଂ. ୮୯୫୭ ପ୍ରକାରେ ଏହି ସହାୟତା ରାଶି ପ୍ରଦାନ ଲାଗି ଜଣାଇଛନ୍ତି ।

ସୂଚନା ଥାଉ କି ଗୁରୁବାର ବିଳମ୍ବିତ ରାତିରେ ଉମରକୋଟରେ ଏକ ଟ୍ରକ୍ ଦୁର୍ଘଟଣାରେ ଅଜୟ ସୁନା (୨୧) ଓ ମହେଶ ଗଣ୍ଡ (୨୫)ଙ୍କ ମୃତ୍ୟୁ ହୋଇଥିଲା। ପରିବାର ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩ ଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ଠିକ୍ ସେହିପରି ସନ୍ଧ୍ୟା ୭ ଘଣ୍ଟା ସମୟରେ ପାପଡାହାଣ୍ଡି ଥାନା ଚିକିଲି ଛକରେ ଏକ ବାଇକ ଓ ସାଇକେଲ ଦୁର୍ଘଟଣାରେ କମଳଲୋଚନ ହରିଜନ (୫୫) ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ରାତି ୧୨ଟା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ପ୍ରଶାସନ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧରୁ ଲୋକେ ହଟିଥିଲେ। ପ୍ରଶାସନର ପ୍ରତିଶ୍ରୁତି ପ୍ରକାରେ ନବରଙ୍ଗପୁର ଜିଲାପାଳ ମିଶ୍ର ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ପ୍ରଦାନ ଲାଗି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ରାଶି ପ୍ରଦାନ ଲାଗି ନିବେଦନ କରିଛନ୍ତି।



COLLECTORATE, NABARANGPUR
(EMERGENCY SECTION)

From

Shri Kamal Lochan Mishra,IAS,
Collector & District Magistrate,
Nabarangpur

To

The Principal Secretary to Government,
General Administration & Public Grievance Department,
Odisha, Bhubaneswar

Yours faithfully,
Collector, Nabarangpur.

# ନାଟକ ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ଜଣାଇବା ଲକ୍ଷ୍ୟ

### ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର

ନନ୍ଦାହାଣ୍ଡି,୨୨।୯ (ପ୍ରତୀପ କୁମାର ଦାଶ)

ନନ୍ଦାହାଣ୍ଡି ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବ୍ଲକ ସଭାଗୃହରେ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଯୋଜନା ଯଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ମଧୁବାବୁ ପେନ୍‌ସନ, ମମତା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ଓ ସୁବ୍ଧା ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓ ନବୀନ ଓଡ଼ିଶା, ଓ ୫-ଟି ହାଇସ୍କୁଲ ରୂପାନ୍ତରୀକରଣ ଭଳି ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ଲୋକଙ୍କୁ ବୁଝେଇବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ଶିବିରରେ ବ୍ଲକ ଅଧକ୍ଷ ରଶ୍ମିତା ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଉପାଧକ୍ଷ ସଦନ ଗୌଡ଼, ଗୋଷ୍ଠୀ ଶିକ୍ଷାଧିକାରୀ ପୁଷ୍ପାଞ୍ଜଳି ମହାନ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରିୟଚାନ୍ଦ ମଲିକ, କୃଷି ଅଧିକାରୀ ଅମିତ କୁମାର ମଲିକ, ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୀଷା ରଥ, ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟକ୍ରମ ସହାୟକ ବିଚିତ୍ର ଶତପଥୀ, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ନବୀନ ଚନ୍ଦ୍ର ଭତରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ବ୍ଲକ ୧୧ ପଞ୍ଚାୟତରୁ ପ୍ରାୟ ୪୦ ଜଣ ନାଟଗୁରୁ ଓ କଳାକାର ଉପସ୍ଥିତ ଥିଲେ। ବ୍ଲକ କଳା ସଂସ୍କୃତି ସଂଘ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନରେ ସରକାରଙ୍କ ବିଭିନ୍ନ ଯୋଜନାକୁ ଗୀତ, ନୃତ୍ୟ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ପଞ୍ଚାୟତସ୍ତରରେ ଲୋକଙ୍କୁ ଯେଭଳି ସଚେତନ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିପରି କଳାକାରଙ୍କ ଶୃଙ୍ଖଳିତ ସାମାଜିକ ଦାୟିତ୍ୱ ସାଙ୍ଗକୁ ସେମାନଙ୍କ ଆର୍ଥିକ ପ୍ରଗତି ପାଇଁ ସରକାରଙ୍କ ପଦକ୍ଷେପ ଏବଂ ସାଂସ୍କୃତିକ ସୁରକ୍ଷା ପ୍ରଚାର ପ୍ରସାର ଜୀବିତ ରଖିବାକୁ ପ୍ରଦାନ କରାଯାଉଥିବା ଆର୍ଥିକ ଅନୁଦାନ ପ୍ରସଙ୍ଗରେ ଆଲୋଚନା ହୋଇଥିଲ। କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ମନୀଷା ରଥ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ସାପ କାମୁଡାରେ ଯୁବକ ମୃତ

ଖଲ୍ଲିକୋଟ,୨୨।୯(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାନଘାଟି ବାହୁତିପଲ୍ଲୀ ଗ୍ରାମରେ ବିଷାକ୍ତ ସାପ କାମୁଡ଼ାରେ ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଡିମିରିଆ ପଞ୍ଚାୟତ ସାନଘାଟି ବାହୁତିପଲ୍ଲୀ ଗ୍ରାମର ଗଣେଶ ଜେନାଙ୍କ ପୁଅ ମହେଶ୍ୱର ଗୁରୁବାର ରାତିରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ତେବେ ଶୁକ୍ରବାର ଭୋର୍‌ରେ ମହେଶ୍ୱର ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ତୁରନ୍ତ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ମହେଶ୍ୱର ଏକ ମାତ୍ର ରୋଜଗାରିଆ ଥିବାରୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

# ସରକାରୀ ଯୋଜନାକୁ ସରପଞ୍ଚଙ୍କ ଅସହଯୋଗ



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ତେନ୍ତୁଳିଖୁଣ୍ଟି, ୨୨।୯(ଚିଦାନନ୍ଦ ସାହୁ)

ରାଜ୍ୟ ସରପଞ୍ଚ ମହାସଂଘ ଆହ୍ୱାନ କ୍ରମେ ଶୁକ୍ରବାରରୁ ସରପଞ୍ଚମାନଙ୍କ ସରକାରୀ ଯୋଜନାକୁ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଏକ ଦାବିପତ୍ର ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି। ମହାସଂଘ ପ୍ରଥମେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୫ ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ। ପୁଣିଥରେ ୧୫ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ରାଜଧାନୀ ଦିଆଯାଇଥିଲା। ୨୨ ତାରିଖ ସୁଦ୍ଧା ଦାବି ସମ୍ପର୍କରେ ଠୋସ ନିଷ୍ପତ୍ତି ରାଜ୍ୟ ସରକାର ନ ନେବାରୁ ମହାସଂଘ ସରକାରଙ୍କୁ ଅସହଯୋଗ କରିବା ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ଶୁକ୍ରବାରରୁ ଅସହଯୋଗ ଆନ୍ଦୋଳନ ଆରମ୍ଭହେଲା ବୋଲି ବ୍ଲକ ସଂଘ ସଭାପତି ମଦନମୋହନ ଦଳପତି କହିଛନ୍ତି।

# ଅସହାୟ ବୃଦ୍ଧଙ୍କୁ ଯୁବ ଯାଦବ ସମାଜର ସହାୟତା

ଚନ୍ଦାହାଣ୍ଡି, ୨୨।୯(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅସହାୟଭାବେ ପଡି ରହିଥିବା ଛତିଶଗଡ ରାଜ୍ୟ ଦେଓଭୋଗ ବ୍ଲକ ସିନାପାଲି ଗ୍ରାମର ବୃଦ୍ଧ ଶୁକଚନ ଯାଦବଙ୍କୁ ସହାୟତା ଦେଇଛନ୍ତି ସାମାଜିକ କର୍ମୀ ଭୋଦେବ ବାଘ। ତାଙ୍କ ନେତୃତ୍ୱରେ ସମିତି ସଭ୍ୟ ତିଳକ ସିଂ ପୋଡ଼, ବୋଲେକ ହାତୀ, ପ୍ରଭୁ ବାଘ, ଯୁଗେଶ୍ୱର ପୋଡ଼, ଯାଦବ ସମାଜର ପଦ୍ମନ ପୋଡ଼, ସେସମଲ ଗୌଡ଼, ଗୁଣାକାର ବାଘ, ବାଲା ହରିଣା, ଉମ୍ବରୁଧର ହାତୀ, ବିଷ୍ଣୁ ହାତୀ ପ୍ରମୁଖ ବୃଦ୍ଧଙ୍କୁ ଚାଉଳ, ଟଙ୍କା, ଲୁଗାପଟା ପ୍ରଦାନ କରିଛନ୍ତି। ପ୍ରକାଶ ଯେ ଶୁକଚନଙ୍କ ସ୍ତ୍ରୀ ଓ ପରିବାର ସଦସ୍ୟଙ୍କ ମୃତ୍ୟୁ ହେବାପରେ ସେ ହୋଟେଲରେ କାମ କରି ଚଳୁଥିଲେ। ବୟସାଧିକ ହେତୁ କାମଧନ୍ଦା କରି ନ ପାରି ସେ ଭାଲୁଡଙ୍ଗରି ଗାଁସ୍ଥିତ ଭଉଣୀ ଘରେ ରହୁଥିଲେ। ଏ ପର୍ଯ୍ୟନ୍ତ ତାଙ୍କ ପାଖରେ କୌଣସି ରାଜ୍ୟର ଭୋଟର କାର୍ଡ କିମ୍ବା ଆଧାର କାର୍ଡ ନାହିଁ। ଯେଉଁଥିପାଇଁ ସେ ସରକାରୀ ସହାୟତାରୁ ଏ ପର୍ଯ୍ୟନ୍ତ ବଞ୍ଚିତ ଅଛନ୍ତି। ବୃଦ୍ଧ ଜଣଙ୍କ ବିଭିନ୍ନ ଗଛ ତଳେ ଆଶ୍ରୟ ନେଇଥାନ୍ତି। କିଛି ଦିନ ତଳେ ଚନ୍ଦାହାଣ୍ଡି ପୋଲିସ ତାଙ୍କୁ ଅସୁସ୍ଥ ଅବସ୍ଥାରେ ରାସ୍ତାରୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ ହେଁ ସମ୍ପର୍କୀୟ ତାଙ୍କୁ ନେବାପାଇଁ ମନା କରିଦେଇଥିଲେ। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତାଙ୍କୁ କୌଣସି ସେଲ୍‌ଟର ହୋମରେ ଥଇଥାନ କରିବାକୁ ଜନସାଧାରଣ ଦାବି କରିଛନ୍ତି।

# ସେକ୍ଟରସ୍ତରୀୟ ପୋଷଣ ମାସ ପାଳନ

ଜୟପୁର,୨୨।୯(ପବନ ପାରିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ କାଳିଆ ଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ଶୁକ୍ରବାର ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଷଷ୍ଠତମ ସେକ୍ଟରସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କାଳିଆ ଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିଭିନ୍ନ ପ୍ରକାରର ମାଣ୍ଡିଆ, ଗହମ, ବାଜରା, ରନ୍ଧା ଖାଦ୍ୟ ସହ ପନିପରିବା ଓ ଫଳମୂଳ ପ୍ରଦର୍ଶନ କରାଯାଇଥିଲା। ହାତଧୁଆ, କିଶୋରୀ କାର୍ଯ୍ୟକ୍ରମ, ଅନ୍ନ ପ୍ରସନ୍ନ, ଗର୍ଭବତୀ ଓ ପ୍ରସୂତିମାନଙ୍କ ଖାଦ୍ୟ ଆଦି ସମ୍ପର୍କରେ କାର୍ଯ୍ୟକ୍ରମମାନ ହୋଇଥିଲା। ସିଡିପିଓ ସୁଚିତ୍ରା ପଣ୍ଡା ଉପସ୍ଥିତ ଥିଲେ। ଅଙ୍ଗନବାଡ଼ି କର୍ମୀ, ସୁପରଭାଇଜର, ଗର୍ଭବତୀ ଓ ପ୍ରସୂତି ମହିଳା, କିଶୋରୀ ବାଳିକା, ପ୍ରାକ ବିଦ୍ୟାଳୟର ଶିଶୁ, ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଉମରକୋଟ ଶିରିଡ଼ି ସାଇ ମନ୍ଦିର ଟ୍ରଷ୍ଟର ଖବରଦାତା ସମ୍ମିଳନୀ

ଉମରକୋଟ, ୨୨।୯(ସନ୍ତୋଷ ଶତପଥୀ)

ଉମରକୋଟ-ରାଇଘର ରାସ୍ତାରେ ନିର୍ମାଣ ହୋଇଥିବା ଶିରିଡ଼ି ସାଇ ମନ୍ଦିର ଟ୍ରଷ୍ଟ ସରକାରୀ ଜାଗାକୁ ଅକ୍ତିଆର କରି ବଡ ବଡ ଷ୍ଟଲ୍ ନିର୍ମାଣ କରି ମୋଟା ଅର୍ଥ ଆଦାୟ କରୁଛି ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସରକାରଙ୍କୁ ଅଭିଯୋଗ କରିଥିଲେ। ଏହାପରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି ସାଇ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏହା ଉପରେ ସ୍ପଷ୍ଟିକରଣ ପ୍ରଦାନ କରଯାଇଛି। ଆମେ ଷ୍ଟଲ କରି କାହାକୁ ବିକ୍ରି କରିନାହୁଁ। କମିଟି ଗଠନ କରି ସେମାନଙ୍କଠାରୁ କିଛି ଟଙ୍କା ଆଦାୟ କରି ଷ୍ଟଲ ନିର୍ମାଣ କରିଛୁ। ଷ୍ଟଲ୍‌ରୁ ମିଳୁଥିବା ଭଡ଼ାରେ ଷ୍ଟଲ୍ ଉପରେ ସାଇ ବାବାଙ୍କ ମନ୍ଦିର ନିର୍ମାଣ କରାଯିବ ବୋଲି ଟ୍ରଷ୍ଟ ସଭାପତି ସୁରଜ ତ୍ରିପାଠୀ କହିଛନ୍ତି। ଆମେ କାହାକୁ ଷ୍ଟଲ୍ଲ ବିକ୍ରୀ କରି ମୋଟା ଅଙ୍କର ଟଙ୍କା ଆଦାୟ କରି ନାହୁଁ ବୋଲି ସେ କହିବା ସହ ଯଦି ପ୍ରମାଣ ଅଛି ବିଧାୟକ ଦେଖାନ୍ତୁ। ସମସ୍ତ ବିବରଣୀ ମନ୍ଦିର ରିଜଲ୍ୟୁଶନ ବହିରେ ଉଲ୍ଲେଖ ରହିଛି ବୋଲି ସେ କହିଛନ୍ତି। ସରକାରୀ ଜମିରେ ମନ୍ଦିର କରାଯାଇଛି। ଉମରକୋଟ ସହର ପ୍ରାରମ୍ଭରୁ ସରକାରୀ ଜାଗାରେ ତିଆରି କରାଯାଇଥିବା ଅନୁଷ୍ଠାନକୁ ଉଚ୍ଛେଦ କରାଯିବାପରେ ଆମେ ନିଜ ଷ୍ଟଲଗୁଡିକ ଛାଡ଼ିଦେବୁ ଦେବୁ ବୋଲି ସଭାପତି ତ୍ରିପାଠୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସନ୍ଦୀପ ସନ୍ତ୍ରା, ନିର୍ମଳ ରଞ୍ଜନ ପାତ୍ର, ସମୀର ପଣ୍ଡା, ମନୋଜ ନାୟକ, ସନ୍ତୋଷ ନାୟକ, ହିମାଂଶୁ ଜେନା, ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କୁ ପଚାରିବାରୁ ଅଞ୍ଚଳର ଯେକୌଣସି ବିଷୟରେ ପ୍ରଶ୍ନ କରିବା ମୋର ସାମ୍ବିଧାନିକ ଅଧିକାର ରହିଛି। ଷ୍ଟଲ ନିର୍ମାଣ ଓ ଆବଣ୍ଟନ ଉପରେ ଜାଣିବା ପାଇଁ ମୁଁ ବିଧାନସଭା ମାଧ୍ୟମରେ ସରକାରଙ୍କଠାରୁ ଜାଣିବା ପାଇଁ ଚାହିଁଛି। ମନ୍ଦିରକୁ ମୁଁ ବିରୋଧ କରୁନାହିଁ। କିନ୍ତୁ ପ୍ରକୃତ ଘଟଣା ଜାଣିବା ପାଇଁ ମୁଁ ରାଜ୍ୟ ରାଜସ୍ୱ ବିଭାଗକୁ ବିଧାନ ସଭା ମାଧ୍ୟମରେ ପ୍ରଶ୍ନ କରିବି ବୋଲି ବିଧାୟକ ଗଣ୍ଡ କହିଛନ୍ତି।

# ନାଚଗୀତରେ ନୂଆଁଖାଇ ଭେଟଘାଟ

ତେନ୍ତୁଳିଖୁଣ୍ଟି, ୨୨।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଖାତିଗୁଡ଼ାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଇନ୍ଦ୍ରାବତୀ ଯୁବ ବଣିକ ସଂଘ ଆନୁକୂଲ୍ୟରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ତାଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନୀ, ତେନ୍ତୁଳିଖୁଣ୍ଟି ବ୍ଲକ ଅଧକ୍ଷା ନିଳେନ୍ଦ୍ରୀ ନାୟକ, ନନ୍ଦାହାଣ୍ଡି ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ତେନ୍ତୁଳିଖୁଣ୍ଟି ବ୍ଲକ ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ପରଜାବାରଙ୍ଗପଦର ସରପଞ୍ଚ ବନ୍ଦିତା ନାୟକ, ସମିତି ସଭ୍ୟା ସୁକାନ୍ତି ମହାନ୍ତି, ବଣିକ ସଂଘ ଉପଦେଷ୍ଟା ସୁରେନ୍ଦ୍ର ନାଥ ରାଉତ, ଇନ୍ଦ୍ରାବତୀ ବଣିକ ସଂଘ ସଭାପତି ଏସ୍. ମୃତ୍ୟୁଞ୍ଜୟ ପାତ୍ର, ଉପସଭାପତି ସୁରେନ୍ଦ୍ର ରାଉତ, କୋଷାଧକ୍ଷ ମନୋଜ ମହାପାତ୍ର, ସମ୍ପାଦକ ହରିବନ୍ଧୁ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଜୟ ତେନ୍ତୁଳୀଖୁଣ୍ଟି ମାନବସେବା ସଂଘକୁ ସମ୍ମାନିତ କରାଯାଇଛି। ସଂଘ ସଭାପତି ଅଖିଳ ଭତରା ମାନପତ୍ର ଗ୍ରହଣ କରିଥିଲେ। ସମାଜିକ କର୍ମୀ ସଞ୍ଜୟ ବେହେରା, କୃପାନିଧି ରାଉତ, କୁନୁ ହରିଜନ ପ୍ରମୁଖଙ୍କୁ ମଧ ସମ୍ମାନିତ କରାଯାଇଛି। ଏହି ଅବସରରେ ଗୌଡ଼ ଦେଓପାଲି, ପରଜା ଦେଓପାଲି ଉନ୍ନିତ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଇଣ୍ଡସ ପବ୍ଲିକ ସ୍କୁଲ ସମେତ ଖାତିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପିଲାଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ବିଶ୍ୱଜିତ ତ୍ରିପାଠୀ, ସୁଶାନ୍ତ ରାଉତ, ଇନ୍ଦ୍ରଜିତ ସାହୁ, ବିଷ୍ଣୁ ପ୍ରସାଦ ନାହାକ, ଗଣେଶ ସାହୁ, ବଳିଆ ପାଢ଼ୀ, ଦୀପକ ବିଶ୍ୱାଳ, ଭୀମସେନ ସାହୁ, କିଷାନ ମହାନ୍ତି, ସମୀର ପଣ୍ଡା, କାହ୍ନା ସାହୁ, ଭବାନୀ ଶଙ୍କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସ୍ ସଭାପତି ଅଖିଳ ଭତରା, ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ବଣିକ ସଂଘ ସଭାପତି ତ୍ରିପତି ପାତ୍ର, ବରିଷ୍ଠ ବ୍ୟବସାୟୀ ଟୁଟୁ ତ୍ରିପାଠୀ, ନନ୍ଦାହାଣ୍ଡି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ପୁରନ୍ଦର ଭତ୍ରା, ଯୁବ ନେତା ଚନ୍ଦ୍ର ଦଳେଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ସଦାଶିବ ଜାନୀ, ବାବୁନୀ ନାୟକଙ୍କ ସମେତ ଶତାଧିକ ଲୋକେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଅଭିଭାଷଣ ଦେଉଛନ୍ତି।

# ପିଲାଙ୍କୁ ନିୟମିତ ସ୍କୁଲ ପଠାଇବାକୁ ପରାମର୍ଶ

### ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

କୋଷାଗୁମୁଡ଼ା,୨୨।୯(ପ୍ରସାଦ ବିଷୋୟୀ)

କୋଷାଗୁମୁଡା ବ୍ଲକ କୋଡିଙ୍ଗା ସରକାରି ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରଧାନ ଶିକ୍ଷକ ପଙ୍କଜ କୁମାର ଚୌଧୁରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶ୍ରମାଧିକାରୀ ରଞ୍ଜନ କୁମାର ବେହେରା ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝି, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, କୋଡିଙ୍ଗା ସମିତି ସଭ୍ୟ କେମରାଜ ଦିଶାରି, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ବଦ୍ରିନାରାୟଣ ସିଂ, ବ୍ଲକ ଭାରପ୍ରାପ୍ତ ମଙ୍ଗଳ ଅଧିକାରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଯମୁନା ଭତରା, ଡାକ୍ତର ସୌରଭ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ହଷ୍ଟେଲରେ କିଭଳି ଭଲ ଖାଇବା ପିନ୍ଧିବା ସହିତ ଉଚ୍ଚମାନର ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି ସେନେଇ ମଞ୍ଚାସୀନ ଅତିଥିମାନେ ବୁଝାଇଥିଲେ। ନିଜ ପିଲାମାନଙ୍କୁ ନିୟମିତ ସ୍କୁଲକୁ ପଠାଇବାକୁ ଅତିଥିମାନେ ଅଭିଭାବକଙ୍କୁ ପରାମର୍ଶ ଧେଇଥିଲେ। ସରକାର ଆଦିବାସୀ ହରିଜନ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଅନେକ ସୁବିଧା କରିଛନ୍ତି। ଏହାର ସୁଯୋଗ ନେବାକୁ ଅଭିଭାବକଙ୍କୁ ବୁଝାଇଥିଲେ। ଏହି ଅବସରରେ ନାଚ, ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଝୋଟି, କୁଇଜ ଖେଳକୁଦ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ସମ୍ବନ୍ଵିତ ଶିଶୁ ବିକାଶ ବିଭାଗ, କୃଷି ବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟଲ ନିର୍ମାଣ କରାଯାଇ ବିଭାଗୀୟ ବିଭିନ୍ନ ସୂଚନା ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଦିଆଯାଇଛି।




କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ।

